

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ରବିବାର ୦୬ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 APRIL 2025

Vol.No. 36 ■ No.90 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଶ୍ରୀଲଙ୍କାରେ 'ମିତ୍ର ବିଭୂଷଣ' ସମ୍ମାନରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୦୪/୪ : 'ମିତ୍ର ବିଭୂଷଣ' ପୁରସ୍କାର ଶ୍ରୀଲଙ୍କାର ଏକ ସମ୍ମାନ ଯାହାକୁ ମିତ୍ର ରାଷ୍ଟ୍ର ପ୍ରତି ଅସାଧାରଣ ଯୋଗଦାନ ଏବଂ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧକୁ ଆଗକୁ ବଢାଇବା ଉଦ୍ଦେଶ୍ୟରେ ଦିଆଯାଏ । ଏହି ସମ୍ମାନର ଆରମ୍ଭ ୨୦୦୮ ମସିହା ଫେବୃଆରୀ ମାସରେ ହୋଇଥିଲା । ଯାହାର ଶୁଭାରମ୍ଭ ତତକାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେ କରିଥିଲେ । ସମ୍ମାନ ପ୍ରାପ୍ତ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ପତ୍ର ସହ ଏକ ପଦକ ଭେଟି ଦିଆଯାଏ ଯାହାକୁ ରାଷ୍ଟ୍ରପତି ବେକରେ ପିନ୍ଧାଇଥା'ନ୍ତି । ଏହି ପଦକ ପଦ୍ମପାଖୁଡ଼ା , ଗ୍ଲୋବ୍ , ସୂର୍ଯ୍ୟ , ଚନ୍ଦ୍ର ଏବଂ ଚାଉଳର ପ୍ରତୀକ ସହ ୯ ପ୍ରକାର ଶ୍ରୀଲଙ୍କା ରତ୍ନ (ନବରତ୍ନ) ରେ ସଜା ଯାଇଥାଏ । ଏହି ପୁରସ୍କାର ଭାରତ ଏବଂ ଶ୍ରୀଲଙ୍କା ୨ ଦେଶ ମଧ୍ୟରେ ବନ୍ଧୁତା ଏବଂ ସହଯୋଗୀତାର ଦୃଢ଼ ସଂପର୍କକୁ ଦର୍ଶାଇଥାଏ । ଏହି ସମ୍ମାନ ସମାରୋହରେ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରତୀକର ଉଲ୍ଲେଖ କରାଗଲା । ଏଥିମଧ୍ୟରେ ଧର୍ମ ଚକ୍ର ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀକ । ଏହି ଚକ୍ର ୨ ଦେଶକୁ ଉଭୟ ସାଂସ୍କୃତିକ ଏବଂ ବୌଦ୍ଧିକ ପରମ୍ପରା ସହ ଜଡ଼ିତ ରଖିବାର ଏକ ପ୍ରତୀକ । ଧର୍ମ ଚକ୍ର ଶାନ୍ତି , ସମୃଦ୍ଧି ଏବଂ ମାନବତାର ମାର୍ଗରେ ଚାଲିବାର ସନ୍ଦେଶ ଦେଇଥାଏ । ପୂର୍ଣ୍ଣ କଳସ ହେଉଛି ଏକ ଧାର୍ମିକ କଳସ ଯାହା ସମୃଦ୍ଧି ଏବଂ ନବୀକରଣର ଏକ ପ୍ରତୀକ । ଯାହା ୨ ଦେଶ ମଧ୍ୟରେ ବୈଭବ ଏବଂ ନିରନ୍ତର ବିକାଶକୁ ଦର୍ଶାଏ । ଉଭୟ ଦେଶ ମଧ୍ୟରେ ଆର୍ଥିକ ସମ୍ବନ୍ଧକୁ ମଜଭୁତ କରିବା ପାଇଁ ନୂତନ ଦିଗ ଦେଖାଏ ପୂର୍ଣ୍ଣ କଳସ । ୯ ଟି ଦାମୀ ରତ୍ନର ସମ୍ମାର ନବରତ୍ନ ହେଉଛି ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀକ । ଯାହା ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ସ୍ଥାୟୀ ମିତ୍ରତାକୁ ଦର୍ଶାଏ । ଏହି ନବରତ୍ନ ଗ୍ଲୋବର ଚତୁଃପାର୍ଶ୍ୱରେ ଅବସ୍ଥିତ ଯାହା ୨ ଦେଶର ମିତ୍ରତାକୁ ବିଶ୍ୱସ୍ତରରେ ▶▶ପୃଷ୍ଠା ୭

## ସମର୍ଥନ ଦେଇ ଅଡୁଆରେ ନୀତୀଶ : ୫ ଦଳୀୟ ନେତା ଦେଲେ ଇସ୍ତଫା



ନୂଆଦିଲ୍ଲୀ, ୦୫/୪ : ସର୍ମଥନ କରି ଅଡୁଆରେ ଫସିଲେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ସଂସଦରେ ୱାକଫ୍ ସଂଶୋଧନ ବିଲ୍ ପାରିତ ହେବ । ପ୍ରତିବାଦରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜନତା ଦଳରୁ ୫ ଜଣ ବରିଷ୍ଠ ନେତା ଇସ୍ତଫା ଦେଇଛନ୍ତି । ଜେଡିୟୁରୁ ଇସ୍ତଫା ଦେଇଥିବା ନେତାମାନଙ୍କ ମଧ୍ୟରୁ ନୂଆ ନେତା ହେଉଛନ୍ତି ନଦୀମ ଅଖତର, ଯିଏକି ୱାକଫ ସଂଶୋଧନ ବିଲକୁ ସମର୍ଥନ କରିବା କାରଣରୁ ଦଳ ଛାଡିଥିବା ପଞ୍ଚମ ନେତା ଅଟନ୍ତି । ଏହାର ପ୍ରତିବାଦରେ ଦଳ ଛାଡ଼ିଥିବା ଅନ୍ୟମାନଙ୍କ ମଧ୍ୟରେ ରାଜୁ ନୈୟାର,

## ପ୍ରଭୁ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଅନୁଷ୍ଠିତ

ଭୁବନେଶ୍ୱର, ୫/୪ (ନି.ପ୍ର): ପବିତ୍ର ଅଶୋକାଷ୍ଟମୀ ଅବସରରେ ଏକାମ୍ର କ୍ଷେତ୍ରର ଅଧିଷ୍ଠାତା ପ୍ରଭୂ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅଣଲେଉଟା ରଥରେ ଚଢ଼ି ମାଉସୀ ମା' ଘର ଅର୍ଥାତ୍ ରାମେଶ୍ୱର ମନ୍ଦିର ଅଭିମୁଖେ ଯାଇଛନ୍ତି ବାବା ଶ୍ରୀଲିଙ୍ଗରାଜ । ଶନିବାର ଅପରାହ୍ନ ୩ଟାରେ ରଥଟଣା ହେବ ବୋଲି ନୀତିନିର୍ଘଂଟ ହୋଇଥିଲା । କିନ୍ତୁ ସାଢ଼େ ୫ଟାରେ ରଥଟଣା ହୋଇଛି । ମଧ୍ୟାହ୍ନ ୧୨ଟାରୁ ସାଢ଼େ ୧୨ଟା ମଧ୍ୟରେ ମହାପ୍ରଭୁଙ୍କ ଯାତ୍ରା ପୂଜା ସମାପନ ହୋଇଥିଲା । ସାଢ଼େ ୧୨ଟାରୁ ସାଢ଼େ ୧ଟା ମଧ୍ୟରେ ମହାପ୍ରଭୁ ରଥକୁ ପହଣ୍ଡି ବିଜେ କରିଥିଲେ । ଏହାପରେ ଚାରମାଳ ଖୋଲା ହୋଇ ଅପରାହ୍ନରେ ରଥ ମାଉସୀ ମା' ଆଡକୁ ଗଡ଼ିବା ଆରମ୍ଭ କରଥିଲା । ଭଗବାନ ଓ ଭକ୍ତଙ୍କ ମହାମିଳନରେ କମ୍ପିଥିଲା ଏକାମ୍ରକ୍ଷେତ୍ର । ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା ରଥଦାଣ୍ଡ । ରାମେଶ୍ୱର ମନ୍ଦିରରେ ରଥ ଲାଗିବା ପରେ ଠାକୁର ବିଜେ କରି ରାତିରେ ନୀତି କରାଯିବ ।

## ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ

### ୭୦ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ମିଳିବ 'ବୟୋ ବନ୍ଦନା' କାର୍ଡ




ଭୁବନେଶ୍ୱର, ୫/୪ (ନି.ପ୍ର): ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ଆରମ୍ଭ ହେବାକୁ ଯାଉଛି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା 'ଆୟୁଷ୍ମାନ ଭାରତ' ଯୋଜନା। ଆସନ୍ତା ୧୧ରେ କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ' ସହ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ହେବ ଶୁଭାରମ୍ଭ। କଟକ ବାଲିଯାତ୍ରା ପଡ଼ିଆରେ ଏହାର ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା। ଫଳରେ ଉଭୟ ଯୋଜନା ଦ୍ୱାରା ଦେଶବ୍ୟାପି ମାଗଣା ସ୍ୱାସ୍ଥ୍ୟସେବାର ସୁବିଧା ପାଇପାରିବେ ରାଜ୍ୟବାସୀ। ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ ଲେଖାଏଁ କାର୍ଡ। ଯାହାକୁ ନେଇ ବଢ଼ିଛି ଜନତାଙ୍କ ଉତ୍କଣ୍ଠା। ବହୁ ପ୍ରତୀକ୍ଷାର ହେଉଛି ଅନ୍ତ। ଯୋଡ଼ି ହେବାକୁ ଯାଉଛି ସ୍ୱାସ୍ଥ୍ୟସେବାରେ ନୂତନ ଅଧ୍ୟାୟ। ଐତିହାସିକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ହେବାକୁ ଯାଉଛି ଶ୍ରୀଗଣେଶ। ଏଥିପାଇଁ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଛି ରାଜ୍ୟ ସରକାରଙ୍କ ପ୍ରସ୍ତୁତି ପର୍ବ। କାର୍ଯ୍ୟକ୍ରମ ଆୟୋଜନ ପୂର୍ବରୁ ଗ୍ରାଉଣ୍ଡ ଜିରୋକୁ ଯାଇ ସ୍ଥିତି ପରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। କାରଣ ଆସନ୍ତା ୧୧ ତାରିଖ ଶୁକ୍ରବାର ଡବଲ୍ ଇଞ୍ଜିନ ସରକାରଙ୍କ ଆୟୁଷ୍ମାନ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା। କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କେନ୍ଦ୍ରମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ସାଂସଦ ଏବଂ ବିଧାୟକ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜନୈତିକ ଶିକାର ଭିତରେ ଗତ ୫ ବର୍ଷ ଧରି ଯେଉଁ ଆୟୁଷ୍ମାନ ▶▶ପୃଷ୍ଠା ୭

## ସସ୍ମିତଙ୍କୁ ବଳିବୋଦା ସଜାଉଛି ବିଜେଡି: ସୁପ୍ରିମୋଙ୍କୁ ପ୍ରତାପ-ପ୍ରଫୁଲ୍ଲଙ୍କ ଚିଠି




ଭୁବନେଶ୍ୱର, ୫/୪ (ନି.ପ୍ର): ସାଂସଦ ସସ୍ମିତ ପାତ୍ରଙ୍କୁ ବଳିବୋଦା ସଜାଉଛି କି ବିଜେଡି ? କାହିଁକିନା ୱାକ୍ଫ ବିଲକୁ ନେଇ ରାଜ୍ୟସଭାରେ ଫାଳ ଫାଳ ହୋଇଯାଇଥିବା ବିଜେଡି ଏପର୍ଯ୍ୟନ୍ତ ଅଫିସିଆଲ୍ ଷ୍ଟେଟମେଣ୍ଟ ଜାରି କରିନି। ତା ସତ୍ତ୍ୱେ, ଜଣଙ୍କ ପରେ ଜଣେ ନେତା ସସ୍ମିତଙ୍କୁ ଘଟଣା ପାଇଁ ଭିଲିଆନ୍ ସଜେଇ କାର୍ଯ୍ୟାନୁଷ୍ଠାନ ଦାବି କରିବାକୁ ନେଇ ସୃଷ୍ଟି ହୋଇଛି ଏଭଳି ସନ୍ଦେହ। ▶▶ପୃଷ୍ଠା ୭

## ନକ୍ସଲଙ୍କୁ ଶାହାଙ୍କ ନିବେଦନ: ମାଓବାଦୀଙ୍କୁ ଭାଇ କହି ଅସ୍ତ୍ର ଛାଡିବାକୁ ଅନୁରୋଧ କଲେ କେନ୍ଦ୍ର ଗୃହମନ୍ତ୍ରୀ



ରାୟପୁର, ୫/୪: ନକ୍ସଲଙ୍କୁ ଭାଇ କହି ସମ୍ବୋଧନ କଲେ ଶାହା । ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଛାଡିଦେବାକୁ ଅନୁରୋଧ କଲେ ଶାହା । ଦିନିକିଆ ଛତିଶଗଡ଼ ଗସ୍ତରେ ଶାହା ଥିବାବେଳେ ଦାନ୍ତେୱାଡ଼ାରେ ଆୟୋଜିତ 'ବସ୍ତର ପଣ୍ଡୁମ୍' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆଉ ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ମାଓବାଦୀମାନଙ୍କୁ ଏକ ବିଶେଷ ନିବେଦନ କରିଛନ୍ତି । ନିବେଦନ ସ୍ୱରରେ ଶାହା କହିଛନ୍ତି, କେହି ଜଣେ ବି ନକ୍ସଲ ଯେତେବେଳେ ଟଳିପଡେ ବା ତାକୁ ହତ୍ୟା କରାଯାଏ ସେତେବେଳେ ମତେ ଭାରି କଷ୍ଟ ହୁଏ । ପ୍ରଧାନମନ୍ତ୍ରୀ ମୋଦୀ ଚାହାଁନ୍ତି ବସ୍ତରର ବିକାଶ ହେଉ ଆଉ ତାହା ସେତେବେଳେ ସମ୍ଭବ ହେବ ଯେତେବେଳେ ତୁମେମାନେ ହିଂସାର ପଥ ଛାଡି ଶାନ୍ତିର ପଥ ଗ୍ରହଣ କରିବ। ଆମେ ଚାହୁଁ ପ୍ରତି ଗାଁରେ ଡାକ୍ତରଖାନା, ପ୍ରତି ଗାଁରେ ସ୍କୁଲ, ପ୍ରତି ଘରେ ୭ କିଲୋ ଚାଉଳ, ଆଧାର କାର୍ଡ, ରେସନ କାର୍ଡ, ସ୍ୱାସ୍ଥ୍ୟ ବୀମା ରହୁ । ହେଲେ ଏହା ସେତେବେଳେ ହିଁ ସତ ହୋଇପାରେ ଯେତେବେଳେ ବସ୍ତରର ଯୁବକମାନେ ଭାବିବେ ଯେ ବସ୍ତର ନକ୍ସଲ ମୁକ୍ତ ହେବା ଉଚିତ୍ ବୋଲି । ଏମିତି କହି ନକ୍ସଲମାନଙ୍କୁ ନିବେଦନ ଠାଣୀରେ ନକ୍ସଲବାଦର ଅନ୍ତ ପାଇଁ ଅନୁରୋଧ କରିଛନ୍ତି ଶାହା । ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଶାହା ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତକୁ ନକ୍ସଲ ମୁକ୍ତ କରିବାକୁ ଘୋଷଣା କରିଥିଲେ । ଆଉ ତାଙ୍କ ଘୋଷଣା ପରେ ଛତିଶଗଡ ଏବଂ ସୀମାବର୍ତ୍ତୀ ଜିଲ୍ଲା ଓ ରାଜ୍ୟରେ ▶▶ପୃଷ୍ଠା ୭

## ହେଲଦୀଲାଇଫ ଯୋଗ ମହାବିଦ୍ୟାଳୟ ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା ଭିନ୍ୟାସା ୨୦୨୫ ଅନୁଷ୍ଠିତ




ବାଲେଶ୍ୱର, ୫/୪ (ନି.ପ୍ର): ହେଲଦୀଲାଇଫ ଯୋଗ ମହାବିଦ୍ୟାଳୟ, ପ୍ରକୃତି ଚିକିତ୍ସା ଏବଂ ଯୋଗିକ ବିଜ୍ଞାନ ପ୍ରତିଷ୍ଠାନରେ ଏପ୍ରିଲ ୫ ଏବଂ ୬ ତାରିଖରେ ବିନ୍ୟାସ ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା ୨୦୨୫ର ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଯାଇଛି । ସମାରୋହରେ ସମ୍ମାନିତ ମୁଖ୍ୟ ଅତିଥିଭାବେ ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଡକ୍ଟର ସୁସାନ୍ତ କୁମାର ସାହୁ, ଡ. ହିରଣ୍ୟକୁମାର ଦାସ ଯୋଗଦାନ କରିଥିଲେ। ବକ୍ତାମାନେ ସେମାନଙ୍କ ଭାଷଣରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ବହନ କରେ ବୋଲି ପ୍ରକାଶ କରିଥିଲେ। ସାମ୍ପ୍ରତିକ ସମୟରେ ସମୟର ପରିବର୍ତ୍ତନ ସହ ସରକାର ଯୋଗକୁ ବିଭିନ୍ନ ମାଧ୍ୟମ ଦ୍ୱାରା ପ୍ରୋତ୍ସାହିତ କରୁଛନ୍ତି। ଏହି ଯୋଗ ପ୍ରତିଯୋଗିତା ମାଧ୍ୟମରେ ଯୋଗର ପ୍ରାଥମିକତା ବଢ଼ିବା ସହ ସାଧାରଣ ଲୋକେ ଯୋଗପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳର ୧୩ ଜଣିଆ ବିଚାରକଙ୍କ ଏକ ବିଶିଷ୍ଟ ପ୍ୟାନେଲ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ବିଚାରପତିମାନେ ହେଲେ ସସମିତା ରୟ, କବିତା ମହାନ୍ତି, ଜ୍ୟୋତି ରଂଜନ ଦାସ, ବସନ୍ତ ଖିଲାର, ଦିବ୍ୟା ରଂଜନ ମହାନ୍ତି, ସଞ୍ଜୟ କୁମାର ମଥାନ, ପଦ୍ମ ଲୋଚନ ଦାସ, ଗୋବର୍ଦ୍ଧନ ସାହୋ, ମୁଖିକାଣ୍ଟ ପାନିଗ୍ରାହି, ଅନିତା ମିଶ୍ର, ଦିଲୀପ କୁମାର ଦାଶ, ଏବଂ ଇଞ୍ଜିନିୟର ମନସ୍ୱିନୀ ମିଶ୍ର। ଯୋଗ ମହାବିଦ୍ୟାଳୟର ମୁଖ୍ୟ ଏବଂ ପ୍ରତିଷ୍ଠାତା ଡକ୍ଟର ଚିତ୍ତରଞ୍ଜନ ସାହୁ, ପ୍ରଧାନଶିକ୍ଷକ ଦେବୀଅର୍ଚ୍ଚନା ଯୋଗର କାର୍ଯ୍ୟକାରିତା ଓ ଉପକାରିତା ବିଷୟରେ ବିଚାରକମାନଙ୍କ ସହିତ ଗଭୀର ଆଲୋଚନା କରିଥିଲେ। ଏକ ପ୍ରତିଯୋଗିତାମୂଳକ କିନ୍ତୁ ଉତ୍ସାହଜନକ ପରିବେଶ ପାଇଁ ସ୍ୱର ସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଅଭିଷେକ ଦାସଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା, ଯେଉଁଥିରେ ଅଧ୍ୟାପକ କାନ୍ତି କୃଷ୍ଣ ଦାସ ଏବଂ ଅଧ୍ୟାପକ ଅନିତା ମିଶ୍ର , ଉତ୍ସର୍ଗୀକୃତ ଛାତ୍ର ଏବଂ କର୍ମଚାରୀମାନେ ସାମିଲ ଥିଲେ। ପ୍ରତିଯୋଗିତାରେ ପ୍ରଭାବଶାଳୀ ସମାଗମ ହୋଇଛି, ଯେଉଁଥିରେ ୨୩୦ରୁ ଅଧିକ ଅଂଶଗ୍ରହଣକାରୀ ବିଭିନ୍ନ ରାଜ୍ୟ, ଯଥା ପଞ୍ଜାବ, ହରିୟାଣା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ , ଓଡ଼ିଶା ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ନୂଆ ରୂପରେ ପାମ୍ବନ ସେତୁ : ଆଜି ହେବ ଉଦ୍‌ଘାଟନ



ନୂଆଦିଲ୍ଲୀ, ୦୫/୪ : ରାମନବମୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁ ଗସ୍ତ କରି ରାମେଶ୍ୱରମକୁ ମୁଖ୍ୟ ଭୂମି ସହିତ ସଂଯୋଗ କରୁଥିବା ନୂତନ ପାମ୍ବନ ରେଳ ସେତୁ ଉଦଘାଟନ କରିବେ । ପ୍ରଧାନମନ୍ତ୍ରୀ ତାମିଲନାଡୁରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭାଗନେଇ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରଧାନମନ୍ତ୍ରୀ ରାମେଶ୍ୱରମ-ତାମ୍ବରମ ନୂତନ ଟ୍ରେନ୍ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଏପ୍ରିଲ ୬ରେ ତାମିଲନାଡୁ ଗସ୍ତ କରିବେ । ରାମନବମୀ ଅବସରରେ, ମଧ୍ୟାହ୍ନ ପ୍ରାୟ ୧୨ ଘଟିକାରେ ସେ ନୂତନ ପାମ୍ବନ ରେଳ ସେତୁ ଯାହାକି ଭାରତର ପ୍ରଥମ ଭୂଲମ୍ବ ଲିଫ୍ଟ ସମୁଦ୍ର ସେତୁର ଉଦଘାଟନ କରିବେ ଏବଂ ରୋଡ ସେତୁରୁ ଏକ ଟ୍ରେନ ଏବଂ ଏକ ଜାହାଜକୁ ପତାକା ଦେଖାଇ ସେତୁର କାର୍ଯ୍ୟକ୍ଷମତା ଦେଖିବେ।

# ମା'ବନ୍ଧନାଇକାଣୀଙ୍କ ବାର୍ଷିକ ଉତ୍ସବ



ନୀଳଗିରି , ୫/୪ (ନି.ପ୍ର): ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ଯୋକନଣ୍ଡା ଗ୍ରାମର ଅଧିଷ୍ଠାତ୍ରୀଦେବୀ ମା' ବନ୍ଧନାଇକାଣୀ ଦେବୀଙ୍କ ବାର୍ଷିକଉତ୍ସବ ପାଳିତ ହୋଇଯାଇଛି। ଶନିବାର ପୂର୍ବାହ୍ନ ପ୍ରାୟ ୯ଘଟିକା ସମୟରେ ମା'ଙ୍କ ମାର୍ଜନା କରାଯାଇ ପୂଜାରମ୍ଭ କରାଯାଇଥିଲା ଏହି ପବିତ୍ରପର୍ବରେ ମାଙ୍କ ପ୍ରମୁଖ ସେବାୟତ ମାୟାଧର ଦେହୁରୀ ସମସ୍ତ ନିତିକାନ୍ତି କରିବାପରେ ତିନିଜଣ ଦେହୁରୀ ଦାସୀ ସାଜି ଗ୍ରାମର ମଙ୍ଗଳକାମନା ପୂର୍ବକ ପୂଜାରେ ସାମିଲଥିଲେ। ଲୋକ ବିଶ୍ୱାସରେ ମା ଗ୍ରାମଦେବତୀ ଭାବରେ ପ୍ରତିକ୍ଷେତ୍ରରେ ଗ୍ରାମ ସହିତ ଅଞ୍ଚଳର ବିପଦଆପଦରେ ସାହା ହୋଇଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମା ଙ୍କ ବାର୍ଷିକ ଉତ୍ସବ ମହାଧୁମଧାମରେ ପାଳିତ ହୋଇଥିଲା। ଗ୍ରାମର ଯୁବଗୋଷ୍ଠୀଙ୍କ ଉଦ୍ୟମରେ ପୀଠ ନିକଟରେ ଭଜନ ସମାରୋହ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆଖପାଖ ପଞ୍ଚାୟତର ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମା'ବନ୍ଧନାଇକାଣୀ କମିଟିର ସଭାପତି ଶ୍ରୀକାନ୍ତ ଭୂୟାଁ, ସମ୍ପାଦକ ପ୍ରଦୀପ ବେହେରା, ସଦସ୍ୟ ପଦ୍ମଲୋଚନ ବେହେରା, ସଞ୍ଜୟ ଭୋଳ, ସନ୍ୟାସୀ ବାରିକ, ରବୀନ୍ଦ୍ର ଭୋଳ, ଗଙ୍ଗାଧର ପ୍ରଧାନ, ରବୀନ୍ଦ୍ର ପୃଷ୍ଟି, ଦିଲ୍ଲୀପ ଭୂୟାଁ, ଆଦିକନ୍ଦ ନାୟକ, ଗଣେଶ ଭୂୟାଁ, ନରେନ୍ଦ୍ର ଭୂୟାଁ, ଉମେଶ ଜେନା, ଅଭି ବେହେରା, ଅର୍ଜୁନ ଭୋଳ, ପଞ୍ଚାନନ ସ୍ୱାଇଁ, ସୁରେନ୍ଦ୍ର ଭୋଳ, ଗଜେନ୍ଦ୍ର ଭୂୟାଁ, ରମେଶ ବାରିକ, ସୁଜିତ୍ ବେହେରା, ମାର୍କଣ୍ଡ ବେହେରା, ରମାକାନ୍ତ ପୃଷ୍ଟି, ନିରଞ୍ଜନ ପୃଷ୍ଟି, ଗିରିଧାରୀ ପ୍ରଧାନ, ଗେଣ୍ଡୁଆ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ଦଳର କ୍ଷେତ୍ର ପରିଦର୍ଶନ




ବଡ଼ସାହି, ୫/୪ (ନି.ପ୍ର):ଜୀବିକା ମିଶନର କେନ୍ଦ୍ରୀୟ ଦଳ ପକ୍ଷରୁ ଆଇଏଏସ ତନୁଜା ଥାଲକା ଓ ଶୈଳେଶ କୁମାର ବଡ଼ସାହି ବ୍ଲକ ଗସ୍ତ କରି ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ, ସିଏଲଏଫ, ଜିପିଏଲଏଫ୍, ବିଏଲଏଫ୍ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ ବଳଭଦ୍ରପୁର ପଂଚାୟତରେ ଅନୁଷ୍ଠିତ ଏକ ବୈଠକରେ ସେମାନେ ଯୋଗ ଦେଇ ଉପସ୍ଥିତ ମିଶନଶକ୍ତିର ମହିଳାମାନଙ୍କ ଠାରୁ ସେମାନେ କରୁଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ଖାତାପତ୍ର ପାଂଚ କରିଥିଲେ । ଏହାପରେ ଏହି ପଂଚାୟତର ସିଂହଟିଆ ଗ୍ରାମର ଆକୁଡାଶୁଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରକାର ପନିପରିବା ଚାଷ ବୁଲି ଦେଖିଥିଲେ । ସେହିପରି ଦେଉଳିଆ ପଂଚାୟତ ଦେଉଳିଆ ଗ୍ରାମର ପ୍ରତିଷ୍ଠିତ ସୂର୍ଯ୍ୟସ୍ନାତା ଉତ୍ପାଦକ ଗୋଷ୍ଠୀ ନିକଟରେ ପଂହଚି ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରକାର ରେଡିମେଡ ଜିନିଷ ଉପରେ ପଚାରି ବୁଝିବା ସହିତ ସେମାନଙ୍କ ଆୟବ୍ୟୟ ଓ କାମ କରୁଥିବା ପିଲାମାନଙ୍କୁ କିପରି ଗୋଷ୍ଠୀ ପକ୍ଷରୁ ଆତ୍ମ ନିର୍ଭରଶୀଳ କରାଯାଇଛି, ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସେମାନଙ୍କ ସହିତ ଡିପିଏମ ନବୀନ ସେନାପତି ଓ ବଡସାହି ବ୍ଲକ୍ ଓ ଏଲଏମ ମାନସ ବେହେରା ଓ ଯୋଗେଶ କୁମାର ପରିଡା ଉପସ୍ଥିତ ଥିବାର ଦେଖାଯାଇଥିଲା।

# ପାରାଦୀପ ବନ୍ଦର ପକ୍ଷରୁ ୬୨ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ




ପାରାଦୀପ, ୫/୪ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆଜି ୬୨ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ମେରାଇନ୍ ସାଇଟ୍ ଅଫିସଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ଭାବେ ନିଜର ସ୍ୱାତନ୍ତ୍ରତା ପ୍ରତିପାଦିତ କରି ପାରିଛି । ଏହି ସଫଳତା ପଛରେ ପାରାଦୀପ ବନ୍ଦରରେ ଗ୍ରୀନ୍ ଟଗ୍ ଉପଯୋଗୀ ହେବାକୁ ଯାଉଛି । ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ଖୁବ୍ ଶ୍ରୀଘ୍ର ଏହା କାର୍ଯ୍ୟକ୍ଷମ ହେଲେ ଦେଶରେ ଏହା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇ ସମଗ୍ର ବିଶ୍ୱରେ ନୌବାଣିଜ୍ୟର ଚିତ୍ର ବଦଳିଛି । ଜାତୀୟ ନୌବାଣିଜ୍ୟ ଦିବସ ପାଳନ ଆମକୁ ଆଗକୁ ଯିବାକୁ ପ୍ରେରଣା ଦେଇଥାଏ ବୋଲି ଶ୍ରୀ ଦାସଗୁପ୍ତା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ଉପସଂରକ୍ଷକ କ୍ୟାପଟ୍ଟେନ୍ ଏ.ସି.ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ ଉପସଂରକ୍ଷକ କ୍ୟାପଟ୍ଟେନ୍ ଅତୁଲ୍ୟ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ହାରବର ମାଷ୍ଟର କ୍ୟାପଟେନ୍ ଇନ୍ଦ୍ରନିଲ୍ ମୁଖାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମୁଦ୍ରିକ ଯନ୍ତ୍ରୀ ବବୁଲ୍ ସିକନ୍ଦର ଧନ୍ୟବାଦ ଦେଇଥିଲେ।

# ସୋଆରେ ଏଲିସିୟମ୍-୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର , ୫/୪ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କର ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପକ୍ଷରୁ ଆୟୋଜିତ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ 'ଏଲିସିୟମ - ୨୦୨୫' ଗତ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସାହିତ୍ୟ, କଳା, ସଂଗୀତ, ନୃତ୍ୟ, ବ୍ୟବସାୟ ଏବଂ ଫ୍ୟାଶନ୍‌କୁ ନେଇ ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ଦକ୍ଷତା ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ । 'ଏଲିସିୟମ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ଏକ ମାଧ୍ୟମ ଯେଉଁଠାରେ ଛାତ୍ରଛାତ୍ରୀମାନେ ଦକ୍ଷତା ପ୍ରଦର୍ଶନ ନିମନ୍ତେ ସୁଯୋଗ ଲାଭ କରିଥାନ୍ତି ବୋଲି ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା କହିଥିଲେ । କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍ ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ (ଏଆଇସିଟିଇ)ର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭିନ୍ନ ଢ଼ଙ୍ଗରେ ଚିନ୍ତା କରିବା ସହ ନିଜେ କିଛି କରି ଦେଖାଇବାର ପ୍ରଚେଷ୍ଟା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । କେବଳ ଡିଗ୍ରୀ ହାସଲ ଓ ଚାକିରି ପାଇଁ ପାଠ ପଢ଼ିବା ଉଚିତ୍ ନୁହେଁ । ଭିନ୍ନ ଢ଼ଙ୍ଗରେ ଉତ୍କର୍ଷତା ଦେଖାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ପ୍ରଫେସର ଆଚାର୍ଯ୍ୟ କହିଥିଲେ ଯେ ନିଯୁକ୍ତି ବଜାରର ସ୍ଥିତି ସୀମିତ ହୋଇଥିବା ବେଳେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ଆବିର୍ଭାବ ପରେ ଏହି ସ୍ଥିତି ଆହୁରି ଖରାପ ଦିଗକୁ ଗତି କରିପାରେ ।

# ବୀର ସହିଦ୍ ରଘୁନାଥ ମାହାତୋଙ୍କର ୨୪୭ ତମ ସହିଦ ଦିବସ ପାଳିତ



ମୟୂରଭଞ୍ଜ, ୫/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଟିକରବାଟି ଗ୍ରାମ ଠାରେ ମହିଳା କୁଡୁମୀ ସେନା ଓ କୁଡୁମୀ ଛାତ୍ର ସେନାର ମିଳିତ ଉଦ୍ୟମରେ ଲୋକନାଥ ମହାନ୍ତ ଙ୍କ ଅଧ୍ୟକ୍ଷତା ରେ ଏକ ଜନସଭା ର ଆୟାଜନ କରାଯାଇଥିଲା । ଏହି ସଭାରେ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଯୋଗଦାନ କରିଥିଲେ। ଏହି ସଭାରେ ଭାରତର ପ୍ରଥମ ସହିଦ୍ ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତିବୀର ରଘୁନାଥ ମାହାତୋଙ୍କର ଭୂମିକା ଓ ତାଙ୍କ ବଳିଦାନ ବାବଦରେ ବକ୍ତାମାନେ ଆଲୋକପାତ କରିଥିଲେ। ରଘୁନାଥ ମାହାତୋ ବର୍ତ୍ତମାନର ଝାଡଖଣ୍ଡ ରାଜ୍ୟର ସଢେଇକଳା ଖରସୁଆଁ ଜିଲ୍ଲାର ନମଡିହି ବ୍ଲକର ଘୁଟିଡିହି ଠାରେ ୧୭୩୮ ମସିହା ମାର୍ଚ୍ଚ ୨୧ ତାରିଖ ରେ ଜନ୍ମଗ୍ରହଣ କରିଥିଲେ।ତାଙ୍କ ବାପା କାଶୀନାଥ ମାହାତୋ (କୁଡୁମୀ ସର୍ଦ୍ଦାର) ଓ ତାଙ୍କ ମା କର୍ମୀ ମାହାତୋ ଗୃହିଣୀ ଥିଲେ। ସେ ଚୁଆଡ ବିଦ୍ରୋହର ମୁଖ୍ୟ ନାୟକ ଥିଲେ। ବ୍ରିଟିଶ ମାନେ ବକସାର୍ ଯୁଦ୍ଧ ରେ ଜୟଲାଭ କରିବା ପରେ ବ୍ରିଟିଶ ମାନେ ୧୭୬୫ ମସିହାରେ ବିହାର ଓ ବେଙ୍ଗଲ ଅଞ୍ଚଳରୁ ଟିକସ ଆଦାୟ କରିବାର ଅଧିକାର ପାଇଥିଲେ,କିନ୍ତୁ ସେତେବେଳେ ଲୋକମାନେ ଏହାର ଘୋର ବିରୋଧ କରିଥିଲେ, ଯାହା ଫଳରେ କିଛି ଜମିଦାର ସାଧାରଣ ଲୋକଙ୍କ ସପକ୍ଷରେ ଓ ବାକି ଜମିଦାର ବ୍ରିଟିଶ ଙ୍କ ସପକ୍ଷରେ ଗଲେ। ୧୭୬୯ ମସିହାରେ ରଘୁନାଥ ମାହାତୋ କୁଡୁମୀ ଜାତିର ଲୋକମାନଙ୍କୁ ଏକଜୁଟ କରି ବ୍ରିଟିଶ ମାନଙ୍କ ବିରୋଧରେ ବିଦ୍ରହୋ ପାଇଁ ନେତୃତ୍ୱ ନେଇଥିଲେ, ତାଙ୍କର ସ୍ଲୋଗାନ ଥିଲା - 'ଆପନା ଗାଁଓ ଆପନା ରାଜ ଦୂର ଖେଦ ବ୍ରିଟିଶ ରାଜ' ୧୭୭୮ ମସିହା ଏପ୍ରିଲ ୫ ତାରିଖ ରେ ରଘୁନାଥ ମାହାତୋ ଏବଂ ତାଙ୍କ ଅନୁଗାମୀମାନେ ବ୍ରିଟିଶ ମାନଙ୍କର ଗୋଳା ବାରୁଦ ବନ୍ଧୁକ ଲୁଟିବା ପାଇଁ ଏକ ଯୋଜନା କରିଥିଲେ, କିନ୍ତୁ ଏହି ଲୁଟ ରେ ସେମାନେ ସଫଳ ହେଇ ନ ଥିଲେ , ଇଂରେଜ ମାନଙ୍କ ସହିତ ଘମାଘୋଟ ଲଢେଇରେ ରଘୁନାଥ ମାହାତୋ ଓ ତାଙ୍କର କିଛି ସାଥୀମାନେ ପ୍ରାଣ ହରାଇଥିଲେ। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୀ ମହିଳା ସେନାର ଦମୟନ୍ତୀ ମହାନ୍ତ, ଜୟନ୍ତୀ ମହାନ୍ତ, ପ୍ରତିଭା ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ଡଲି ମହାନ୍ତ, ହିରମଣୀ ମହାନ୍ତ, ଭାରତୀ ମହାନ୍ତ, ମନୋରମା ମହାନ୍ତ, ଜୟନ୍ତୀ ମହାନ୍ତ, ସୁଜାତା ମହାନ୍ତ,ମାଳତୀ ମହାନ୍ତ, ସରସ୍ୱତୀ ମହାନ୍ତ ଓ କୁଡୁମୀ ଯୁବ ସେନା ର ଲୋକନାଥ ମହାନ୍ତ, ବୁଲୁ ମହାନ୍ତ, ମହେଶ୍ୱର ମହାନ୍ତ, ମୋନୁ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଲିପୁନ୍ ମହାନ୍ତ, ସିପୁନ ମହାନ୍ତ, କାୟା ମହାନ୍ତ, ଝାଡେଶ୍ୱର୍ ମହାନ୍ତ ଯୋଗ ଦେଇଥିଲେ।

# ଡକାୟତି ଓ ଅପହରଣ ନେଇ ସିଂଲା ଥାନାରେ ଅଭିଯୋଗ

ଲଙ୍ଗଳେଶ୍ୱର , ୫/୪ (ନି.ପ୍ର): ଲଙ୍ଗଳେଶ୍ୱର ବଜାର ନିକଟରେ ଥିବା ଏକ ଘରେ ବୁଧବାର ରାତିରେ ପଶି ଡକାୟତି କରିବା ବାପ ଓ ପୁଅ କୁ ସିନେମା ଷ୍ଟାଇଲ ରେ ଅପହରଣ ହୋଇଥିବା ନେଇ ଆଜି ସିଂଲା ଥାନା ରେ ଲିଖିତ ଅଭିଯୋଗ ହୋଇଛି ।ପାରିବାରିକ ବିବାଦ ଯୋଗୁଁ ଏହି ଭଳି ଘଟଣା ଘଟିଥିବା ନେଇ ଜଣାପଡିଛି। ଘଟଣାରୁ ପ୍ରକାଶ ଲଙ୍ଗଳେଶ୍ୱର ଗ୍ରାମର ସେକ୍ କୁଦିରଥ (୭୮) ଓ ପୁଅ ସେକ୍ ହାକିମୁଦ୍ଦିନ (୩୦) କୁ ୨ ଏପ୍ରିଲ ବୁଧବାର ରାତିରେ ବାଲିଆପାଳ ଥାନା ଅନ୍ତର୍ଗତ ଖଗଡାପାଳ ଗ୍ରାମର ସ୍ୱର୍ଗତ ସେକ କଟିଆ ର ପୁଅ ସେକ୍ ଗନିରୁଦ୍ଦିନ ଙ୍କ ସହିତ ସେକ କୈଶର,ସେକ୍ ବାବୁ ଙ୍କ ସମେତ ୪୦ ରୁ ଅଧିକ ଗୁଣ୍ଡା ଶ୍ରେଣୀ ର ଯୁବକ ମାନଙ୍କୁ ଆଣି ମାରଣାଅସ୍ତ୍ର ଦେଖାଇ କୁଦରଥ ଘର କାମପାଇଁ ରଖିଥିବା ୮ ଲକ୍ଷ ଟଙ୍କା ଓ ପୁଅ ର ବହୁ ହଲିମା ବିବି ଙ୍କ ସୁନା ଗହଣା ସବୁ ଲୁଟିନେବା ସହିତ ବାପ ଓ ପୁଅ କୁ ସିନେମା ଷ୍ଟାଇଲ ରେ ଅପହରଣ କରି ନେଇଯିବାର ଖବର ଟି କୌଣସି ଏକ ସୁତ୍ରରୁ ବାଲିଆପାଳ ପୋଲିସ ପାଖରେ ପହଞ୍ଚିଥିଲା ତୁରନ୍ତ ବାଲିଆପାଳ ପୋଲିସ ଖଗଡାପାଳ ରୁ ବାପ, ପୁଅ କୁ ଉଦ୍ଧାର କରି ଥାନା କୁ ଆଣି ଲଙ୍ଗଳେଶ୍ୱର ଘରକୁ ପଠାଇ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଅଭିଯୋଗ କାରୀ। ଅଭିଯୋଗ କୁ ଗ୍ରହଣ କରି ସିଂଲା ପୋଲିସ ତଦନ୍ତ କରାଯିବ ବୋଲି ଅଧିକାରୀଣୀ କମଳିନୀ ତାଣ୍ଡି କହିଛନ୍ତି।

# ଓଡ଼ିଆ ପକ୍ଷ ପାଳନ ଅବସରର ପଞ୍ଚମ ଦିନରେ ଐତିହ୍ୟ ଗଣଦୌଡ଼ର ଆୟୋଜନ




ବାଲେଶ୍ୱର, ୫/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଇଛି ଐତିହ୍ୟ ଗଣଦୌଡ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର କରି ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ପଞ୍ଚମ ଦିବସରେ ଆଜି ବାଲେଶ୍ୱର ଜିଲ୍ଲା ସଦର ମହକୁମା ସ୍ଥିତ ଶାନ୍ତିକାନନ ଠାରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବସାଇଟ୍ (ଓଡ଼ିଆପକ୍ଷ. କମ୍)ରେ ଅପଲୋଡ଼ ମଧ୍ୟ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ ଦତ୍ତ, ମାନ୍ୟବର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ମାନ୍ୟବର ଅଧ୍ୟକ୍ଷା ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର




ଭଦ୍ରକ, ୫/୪ (ନି.ପ୍ର): ରକ୍ତଦାନ ମହାପୂଣ୍ୟ। କାହିଁକି ନା ବର୍ତମାନର ଅବକ୍ଷୟମୁଖୀ ସମାଜରେ ବିଭିନ୍ନ ରୋଗ ଓ ଦୁର୍ଘଟଣା କ୍ଷେତ୍ରରେ ରକ୍ତର ଯେଉଁ ସଂକଟ ଦେଖାଦେଇଛି, ତାହାର ପୂରଣ ପାଇଁ ବହୁ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ଯୁବ ସମାଜ ଆଗେଇ ଆସିବା ଉଚିତ୍ ବୋଲି ଆଜି ଭଦ୍ରକର ଗେଲପୁରସ୍ଥିତ ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଏହାର ପ୍ରତିଷ୍ଠାତାଙ୍କ ଜନ୍ମୋତ୍ସବ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିର ଉଦ୍‌ଘାଟନ କରି ଜିଲାପାଳ ଦିଲ୍ଲୀପ ରାଉତରାୟ ବକ୍ତବ୍ୟ ରଖିଛନ୍ତି। ପ୍ରାରମ୍ଭରେ ଜିଲାପାଳ ଶ୍ରୀ ରାଉତରାୟ ସାଇବାବାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ଭଳି ଏକ ଅନୁଷ୍ଠାନ ଯେଭଳି ରକ୍ତଦାନ ଶିବିର ଭଳି ଏକ ମହତ୍ କାର୍ଯ୍ୟ ଆରମ୍ଭ କରିଛି, ତାହା ଅନ୍ୟମାନେ ଶିକ୍ଷାଲାଭ କରିବା ଉଚିତ୍ ବୋଲି ଉପସ୍ଥିତ ଗଣମାଧ୍ୟମକୁ କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଡ. ଶରତ କୁମାର ଆଚାର୍ଯ୍ୟ, ଅଧ୍ୟକ୍ଷ ରଜନୀରାଣୀ ପତି, ସଭାପତି ଜୟନ୍ତ କୁମାର ସେନାପତି, ଉପସଭାପତି ଭାସ୍କର ଚନ୍ଦ୍ର ସାହୁ, ଅଧିବକ୍ତା ଅତିଶ ବେହେରା ପ୍ରମୁଖ ଏହି ଶିବିରରେ ଅଂଶଗ୍ରହଣ ପୂର୍ବକ ବିଭିନ୍ନ ଅନୁଷ୍ଠାନରୁ ରକ୍ତଦାନ ପାଇଁ ଆସିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରମାକାନ୍ତ ମଲ୍ଲିକ, ଭକ୍ତିଲତା ରାଉତ, ଜୀବନ କୁମାର ମଣ୍ଡଳ, ଉଜ୍ଜ୍ୱଳ କୁମାର ରାଉଳ ଓ ସହାୟକ ଶଶଧର ପଣ୍ଡା, ମନୋଜ କୁମାର ସାହୁ, ମମତା ମଲ୍ଲିକ ଓ ମହେଶ୍ୱର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ଭଦ୍ରକ ଜିଲା ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ବିମଳା ମିଶ୍ର, ଲିଲିମା ସ୍ୱାଇଁ, ରତିକାନ୍ତ ବଳ, ବଳରାମ ପଣ୍ଡା, ପୂର୍ବତନ ପଦାଧିକାରୀ ରବିନାରାୟଣ ଖୁଂଟିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ରକ୍ତଦାନ ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

# ଭଗବତୀ ପୂଜାରେ ଆଧ୍ୟାତ୍ମିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ




ବସ୍ତା, ୫/୪ (ନି.ପ୍ର): ଆମ୍ବଗଡ଼ିଆ ପଞ୍ଚାୟତର ବାମୋଡ଼ା ଗ୍ରାମରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଚି । ଏହି ସଭାରେ ସଭାପତି କରିଥିଲେ ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର। ବେଦ ପାଠ ସହ ସଭା ପରିଚାଳନା କରିଥିଲେ ପୁରୋହିତ ଚକ୍ରଧର ଆଚାର୍ଯ୍ୟ। ସଭାରେ ଆରମ୍ଭରେ ଅତିଥି ମାନଙ୍କୁ ପୁଷ୍ପ ଗୁଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଛୋଟରାୟ ମୁର୍ମୁ ଯୋଗଦେଇ ଥିଲେ । ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ଜଗନ୍ନାଥ ସ୍ୱାଇଁ , ସମ୍ମାନିତ ଅତିଥି ଭାବରେ ପୂର୍ବତନ ସେନାଧିକାରି ତଥା ସମାଜସେବୀ ଭୀମଚରଣ ମାଝୀ , ରୁପ୍ସା ର ଗଛ ମଣିଷ ରବୀନ୍ଦ୍ର ବେହେରା, ବିଚାରକ ଭାବରେ ନିର୍ମଳା ଭୋଇ ସଭାରେ ଉପସ୍ଥିତ ଥିଲେ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୪୦ ଜଣ ନୃତ୍ୟଶିଳ୍ପୀ ଏହି ସଂସ୍କୃତିକ ନୃତ୍ୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ । ସେଥିରୁ କନିଷ୍ଠ ବର୍ଗରୁ ଇପ୍ସିତା ମହାନ୍ତି, ପଙ୍କଜାକ୍ଷି ସାହୁ, ସ୍ୱସ୍ତିକା ପଟ୍ଟନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ, ବରିଷ୍ଠ ରୁ ସାଇକ୍ରିଷ୍ଣା ପୃଷ୍ଟି , ଆୟିସା ପଣ୍ଡା ଓ ଅର୍ଚ୍ଚିତା ପ୍ରଧାନ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ପ୍ରତିଯୋଗୀଙ୍କ ପାଇଁ ଶାନ୍ତ୍ୱନା ମୂଳକ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ମନୋଜ ସାହୁ , ନିଲୁ ସାହୁ,ପରମାନନ୍ଦ ସାହୁ, ଶ୍ରୀକାନ୍ତ ସାହୁ ପ୍ରମୁଖ ସାହାଯ୍ୟ କରିଥିଲେ ।

# ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ୫ମ ଇଣ୍ଟର ଡିପାର୍ଟମେଣ୍ଟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା

## ସେମିଫାଇନାଲରେ ଟ୍ରାଫିକ ବିଭାଗ, ପ୍ରଶାସନିକ ବିଭାଗ, ଇଏଣ୍ଡଏମ ବିଭାଗ ଓ ମେଡିକାଲ ବିଭାଗ



ପାରାଦ୍ୱୀପ , ୫/୪ (ନି.ପ୍ର): ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୫ମ ଇଣ୍ଟର୍ ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନ ପ୍ରଥମ ମ୍ୟାଚରେ ଟ୍ରାଫିକ ବିଭାଗ ୮ ଉଇକେଟରେ ବିଜୟୀ ହୋଇଥିଲା । ଇ ଏଣ୍ଡ ଏମ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୭୮ ରନ କରିଥିଲା । ଜବାବରେ ଟ୍ରାଫିକ ବିଭାଗ ୨ଟି ଉଇକେଟ ହରାଇ ମାତ୍ର ୭.୫ ଓଭରରେ ୭୯ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଇଂଜିନିୟରିଂ ବିଭାଗ ୧୨ ରନରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଜିନିୟରିଙ୍ଗ ବିଭାଗ ୭ ଉଇକେଟ ହରାଇ ୮୦ ରନ କରିଥିଲା । ଜବାବରେ ମେରାଇନ୍ ବିଭାଗ ୭ ଉଇକେଟ ହରାଇ ୬୮ ରନ କରିଥିଲା । ସେହିପରି ଅନ୍ତିମ ମ୍ୟାଚରେ ମେଡିକାଲ ବିଭାଗ ୭ ରନରେ ବିଜୟୀ ହୋଇଥିଲା । ମେଡିକାଲ ବିଭାଗ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୮୫ ରନ କରିଥିଲା ଜବାବ ପ୍ରଶାସନିକ ବିଭାଗ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୭୮ ରନ କରିପାରିଥିଲା । ଆସନ୍ତା କାଲି ସେମିଫାଇନାଲରେ ଟ୍ରାଫିକ ବିଭାଗ ପ୍ରଶାସନିକ ବିଭାଗକୁ ଓ ଇଏଣ୍ଡଏମ ବିଭାଗ ମେଡିକାଲ ବିଭାଗ ମଧ୍ୟରେ ମୁକାବିଲା ହେବ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ଅପ୍ରେଲ୍ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୯୨
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତୁମେ ଏମିତି ଚିରଦିନ ମୋ ପାଖରେ ରକ୍ତପଦ୍ମ ହୋଇ ଫୁଟୁଥାଅ । ପୂର୍ଣ୍ଣିମାର ଜହ୍ନ ହୋଇ ସ୍ନେହ, ପ୍ରେମର ଶୀତଳ କିରଣ ପ୍ରଦାନ କରୁଥାଅ । ତୁମ ଅଧରରୁ ପ୍ରୀତି ମଧୁ ଝରାଇ, ବଚନରୁ ବୀଣାଜାଣା ସ୍ୱର ଝଙ୍କୃତ କରାଇ, ରାମର ନନ୍ଦନକାନନରେ ଅସଂଖ୍ୟ ପାରିଜାତ ହୋଇ ଫୁଟୁଥାଅ ଦେବୀ । ଏତିକି ହିଁ ରାମ ତା ଜୀବନରେ ଆଶାକରେ ।" ଏତକ କହି ସ୍ନେହ, ପ୍ରେମରେ ମୋତେ ବୁଡ଼ାଇ ଦେଇ ସେ ରାଜଦରବାରକୁ ବାହାରି ଯାଆନ୍ତି । ତାଙ୍କ ଭଳି ମୁଁ ମଧ ପ୍ରଭାତରୁ ଶଯ୍ୟାତ୍ୟାଗ କରି ମୋ ଶାଶୁମାନଙ୍କୁ ତଥା ଅନ୍ୟ ଗୁରୁଜନମାନଙ୍କୁ ପ୍ରଣାମ କରେ । ସ୍ନାନ ଶେଷକରି ମୋ ସ୍ୱାମୀଙ୍କ ନାମଧରି ମସ୍ତକରେ ଟାଣିଦିଏ ସିନ୍ଦୂର ଗାର । କୁଳଦେବତାଙ୍କୁ ଯାଇ ମୋ ସ୍ୱାମୀଙ୍କ ଶୁଭ ମନାସି ପ୍ରଣାମ କରେ । ତାପରେ ମୋ ଶାଶୁମାନଙ୍କ ପାଦଧୂଆ ପାଣି ପାଇ, ମୋ ସ୍ୱାମୀ ଭୋଜନର ଯେଉଁ ଅବଶେଷ ମୋ ପାଇଁ ରଖିଦେଇ ଯାଇଥାନ୍ତି ତାହାକୁ ଭୋଜନ କରେ । ମୋ କଥାଶୁଣି ଆଶ୍ଚର୍ଯ୍ୟ ହୋଇ ପ୍ରୀତିଦା ପଚାରିଥିଲା ଆପଣ କ'ଣ ପ୍ରତ୍ୟହ ସ୍ୱାମୀଙ୍କ ଉଚ୍ଛିଷ୍ଟାନ୍ନ ଗ୍ରହଣ କରନ୍ତି ଦେବୀ ?

ହଁ ପ୍ରୀତିଦା ନିଜ ହାତରେ ରାନ୍ଧି, ନିଜେ ବାଢ଼ି, ତାଙ୍କ ପାଖରେ ବସି ତାଙ୍କୁ ଖୁଆଇବା ହେଉଛି ମୋର ପ୍ରଧାନ କର୍ମ, ପ୍ରଧାନ ଧର୍ମ । ସେତକ ମୁଁ ନକଲେ...

ଆପଣଙ୍କ ସ୍ୱାମୀ କ'ଣ ଅନ୍ୟ କାହା ହସ୍ତରନ୍ଧନ ଖାଦ୍ୟ ଗ୍ରହଣ କରନ୍ତି ନାହିଁ ଦେବୀ । ଏକଥା ତୁମକୁ ମିଛ ମୋତେ ସତ୍ୟ ପ୍ରୀତିଦା । ମୋ ପ୍ରଭୁ ମୋ ହସ୍ତରନ୍ଧା ଖାଦ୍ୟ ବ୍ୟତିରେକେ ଅନ୍ୟ କାହାରି ହସ୍ତରନ୍ଧା ଖାଦ୍ୟ ଭୋଜନ କରନ୍ତି ନାହିଁ । ଭୋଜନ ସ୍ଥାନକୁ ସେ ଆସିବା ପୂର୍ବରୁ ମୁଁ ଅନ୍ନବ୍ୟଞ୍ଜନ ତାଙ୍କ ପାଇଁ ରନ୍ଧନ କରି, ଭୋଜନ ପାତ୍ରରେ ସଜାଡ଼ି ରଖି ଦେଇଥାଏ । ସେ ଆସି ହସହସ ବଦନରେ କହନ୍ତି ତୁମ ରନ୍ଧନର ବାସ୍ନାରେ ମୋର ଅର୍ଦ୍ଧେକ ଭୋଜନ ହୋଇଗଲାଣି ଦେବୀ । ଆଉ ଅଧିକ ଖାଇବି କ'ଣ ? ସେ ଖାଇ ବସିଲେ ମୁଁ ତାଙ୍କ ପାଖରେ ବସି ବ୍ୟଜନ କରେ । ଭୋଜନ କରୁକରୁ ସେ କେତେକଥା କହି ବସନ୍ତି । ବେଳେବେଳେ କହନ୍ତି ଚଉଦବର୍ଷ ବଣରେ ଅନ୍ନ ଆମପାଇଁ ସ୍ୱପ୍ନ ଥିଲା ଦେବୀ । ଫଳମୂଳ ଭକ୍ଷଣରେ ଆମର ସମୟ କଟି ଯାଉଥିଲା । ଏବେ ତୁମ ହସ୍ତରୁ ଏ ସୁଆଦିଆ ଖାଦ୍ୟ ଗ୍ରହଣ କରୁକରୁ ମୁଁ ଭାବୁଛି ବିଧାତା ଏ ସୁଖ ମୋ ଭାଗ୍ୟରେ ସବୁଦିନେ ରଖିବେ ତ ? ଏହିକଥା କହୁଥିବାବେଳେ ସେ ଗମ୍ଭୀର ହୋଇ ଯାଆନ୍ତି । ଚକ୍ଷୁରେ ତାଙ୍କର ଅଶ୍ରୁ ଜମି ଆସେ । ସେ ଆଉ ଖାଦ୍ୟ ଗ୍ରହଣକୁ ଇଚ୍ଛା କରନ୍ତି ନାହିଁ । ତାଙ୍କର ଏ ଅବସ୍ଥା ଦେଖି ମୁଁ ତାଙ୍କୁ ଏଣୁତେଣୁ ନାନାକଥା କହି ଭୁଲାଇ ଦିଏ । ଛୋଟ ପିଲାଙ୍କ ପରି ତାଙ୍କୁ ଖୁଆଇ ଦିଏ ମଧ । ମୋ ହାତ ଧରିନେଇ ସେ କୁହନ୍ତି ଧନ୍ୟ ଧନ୍ୟ ତୁମେ ଜାନକୀ । ଧନ୍ୟ ତୁମର ଏ ଅନ୍ନପୂର୍ଣ୍ଣାର ହସ୍ତ । ରାମ ଜୀବନ ଧନ୍ୟ ହୋଇଯାଇଛି କେବଳ ତୁମରି ପାଇଁ । ଏହି କଥା କହି ସ୍ୱାମୀ ମୋର ଭୋଜନ ସ୍ଥାନରୁ ଉଠି ଯାଆନ୍ତି । ମୁଁ ତାଙ୍କ ମୁଖ ଧୋଇଦେଇ ପଣତକାନିରେ ପୋଛିଦିଏ । କ୍ଳାନ୍ତି ଅନୁଭବ କରୁଛନ୍ତି ବୋଲି ସେ ଯଦି କୁହନ୍ତି ମୁଁ ତାଙ୍କୁ ନେଇ ପଲଙ୍କରେ ଶୁଆଇଦେଇ ତାଙ୍କ ପାଦସେବାରେ ମନ ଦିଏ । ସେ ସନ୍ତୁଷ୍ଟ ହୋଇ ନିଦ୍ରାଗଲେ ମୁଁ ଆସି ଭୋଜନ କରେ । ରାତ୍ରିରେ ମଧ ସେମିତି ତାଙ୍କୁ ଖୁଆଇ ପିଆଇ ତାଙ୍କ ପାଦସେବା କରୁଥିବାବେଳେ ସେ କହନ୍ତି ରାତି ଅନକେ ହେଲାଣି ଦେବୀ । ସେ ପାଦ ସେବା ଏବେ ସେତିକିରେ ରଖ । ଏଠାରୁ ପୁଣି ତୁମେ ମୋ ମାତା ମାନଙ୍କ କକ୍ଷକୁ ଯିବ । ସେମାନଙ୍କ ପାଦସେବା ସାରି ଭୋଜନ କରି ତୁମେ ଶଯ୍ୟା ଧରିବାକୁ ରାତ୍ରିର ତୃତୀୟ ପ୍ରହର ଆସି ଉପନୀତ ହୋଇ ଯାଇଥିବ । ଏତେପରେ ତୁମକୁ କ'ଣ କ୍ଳାନ୍ତି ଆସେନା ବୈଦେହୀ ।

ସ୍ୱାମୀଙ୍କ କଥାଶୁଣି ମୁଁ କହେ, ସେବାରେ ଅପାର ଆନନ୍ଦ ଥାଏ ସ୍ୱାମୀ । ସେ ସେବା ପୁଣି ଅନ୍ୟ କାହାରି ନୁହେଁ ମୋ ସ୍ୱାମୀ, ଶାଶୁଙ୍କର । ଏହାଠାରୁ ବଳି ଆନନ୍ଦ ବଳି ସୌଭାଗ୍ୟ ଏ ସୀତା ଜୀବନରେ ଆଉ କିଛି ନାହିଁ । ଆପଣ ତ ଦେଖୁଛନ୍ତି ଏ ରାଜନବରରେ ସଭିଙ୍କ ତୁଣ୍ଡରେ ମୋରି ନାମ । ଦାସଦାସୀଙ୍କ ତୁଣ୍ଡରେ, ମୋ ଶାଶୁମାନଙ୍କ ତୁଣ୍ଡରେ, ମୋ ଭଉଣୀମାନଙ୍କ ମନ, ବଚନ, କର୍ତ୍ତବ୍ୟରେ ଏପରିକି ମୋ ଦିଅର ମାନେ ମଧ ସବୁ ସମୟରେ ମୋତେ ହିଁ ଡାକୁଥିବେ, ଖୋଜୁଥିବେ । ଏହାଠାରୁ ବଳି ସୁଖ ଆନନ୍ଦ ଆଉ କ'ଣ ଅଛି ସ୍ୱାମୀ ।

ଏମିତି ଏମିତିରେ ଅଯୋଧାରେ କିଛିଦିନ ବିତିଯାଇଥିଲା ପ୍ରୀତିଦା । ଏତେ ଆନନ୍ଦ ଏତେ ସୁଖ ମୋ ଭାଗ୍ୟରେ । ସେ ସୁଖ ହିଁ ମୋ ମନରେ ମୋ ମନରେ ସାମାନ୍ୟ ଗର୍ବ ଆଣି ଦେଇଥିଲା । ସେ ଗର୍ବକୁ ବିଧାତା ବୋଧହୁଏ ସହ୍ୟ କରିପାରିଲେ ନାହିଁ । ପୁଣି ସେ ମୋତେ ଠେଲିଦେଲେ ଏ ଅଗାଧ ଦୁଃଖ ସାଗରକୁ ।

ମୋ କଥା ଶୁଣୁଶୁଣୁ ପ୍ରୀତିଦା, କହିଥିଲା ଦେବୀ ଏତେ ସୁଖ ଏତେ ଆନନ୍ଦ ଭିତରେ ପୁଣି ଦୁଃଖର ବାଆ ବହିଆସିଲା କେମିତି ? କେମିତି ସୃଷ୍ଟିହେଲା ଏତେବଡ଼ ଝଡ଼ଝଞ୍ଜା । ଦୁଇଚକ୍ଷୁରୁ ବହି ଆସୁଥିବା ଜଳଧାରକୁ ପୋଛିନେଇ ମୁଁ କହିଥିଲି, ପ୍ରୀତିଦା ସୁଖର ଦିନ ସବୁ ଘୋଡ଼ା ଦୌଡ଼ିଲା ପରି ଦୌଡ଼ି ସରିଯାଇଥିଲା । ଦିନେ ରାଜ ଅନ୍ତଃପୁରରେ ବସି ମୁଁ ଅନୁଭବ କଲି ରଘୁବଂଶର ଭବିଷ୍ୟତ ଦାୟାଦ ମୋ ଗର୍ଭରୁ ସଞ୍ଚରିବା ଆରମ୍ଭ କରିଦେଲେଣି । ମୁଁ ଭାବିଲି ଏକଥା ମୁଁ ପ୍ରଥମେ କାହାକୁ ଜଣାଇବି, ମୋ ସ୍ୱାମୀଙ୍କୁ ନା ମୋ ଶାଶୁମାନଙ୍କୁ । ଏହିକଥା ଭାବୁଥିଲାବେଳେ ସ୍ୱାମୀ ମୋର ଅନ୍ତଃପୁର ମଧ୍ୟକୁ ପଶିଆସି କହିଥିଲେ "ଦେବୀ ସୀତେ, ଆଜି ଫାଲ୍‌ଗୁନ୍ ପୂର୍ଣ୍ଣିମା । ମୁଁ ଭାବୁଛି ଆଜି ସନ୍ଧ୍ୟାରେ ଆମେ ରାଜଉଦ୍ୟାନରେ ବସି ନିର୍ମଳ ଚନ୍ଦ୍ରଙ୍କୁ ଦର୍ଶନ କରିବା । ଚନ୍ଦ୍ରଙ୍କୁ ବନ୍ଦାପନା କରିବା ।"

ସ୍ୱାମୀଙ୍କ କଥା ଶୁଣି ଆନନ୍ଦରେ ଶିହରି ଉଠିଥିଲି ମୁଁ । ମନେମନେ ଭାବିଥିଲି ସେହିଠାରେ ତାଙ୍କୁ ଏ ସୁସମ୍ବାଦ ଦେବି । ସନ୍ଧ୍ୟା ପୂର୍ବରୁ ବେଶକାରୀମାନେ ଆସି ସୁବାସିତ ତୈଳରେ ମୋ କେଶ ବନ୍ଧନ କରି ତହିଁରେ ଖୋସି ଦେଇଥିଲେ ସୁବାସିତ ପୁଷ୍ପର ହାର । ପାଦରେ ଲେଖି ଦେଇଥିଲେ ଅଳତା, ଚକ୍ଷୁରେ ରଞ୍ଜି ଦେଇଥିଲେ କଜ୍ଜଳ । ପିନ୍ଧାଇ ଦେଇଥିଲେ ସୁନା ସୂତାରେ ବୁଣା ଯାଇଥିବା ପାଟ ଶାଢ଼ୀଟିଏ । ଏହା ତାଙ୍କର ନିତିଦିନିଆ କାମ । ପ୍ରତ୍ୟହ ସକାଳେ ଆସି ସେମାନେ ହଳଦୀ, ଲହୁଣୀ, ଚନ୍ଦନର ପ୍ରଲେପ ଦେଇ ସୁବାସିତ ଜଳରେ ମୋତେ ସ୍ନାନ କରାଇ ବେଶ କରି ଦେଇ ଯାଆନ୍ତି । ପୁଣି ସୂର୍ଯ୍ୟାସ୍ତ ପୂର୍ବରୁ ପୁଣିଥିରେ ସ୍ନାନ କରାଇ ବେଶ କରି ସେମାନେ ଚାଲିଯାଆନ୍ତି । ବେଶ ପରେପରେ ମୋ ତିନିଭଉଣୀ ଧାଇଁ ଆସନ୍ତି ମୋ ପାଖକୁ ।

ସେମାନଙ୍କ ତୁଣ୍ଡରେ ସବୁବେଳେ ମୋରି ରୂପର ପ୍ରଶଂସା । କିଏ କହୁଥିବ ଅପା ତୁମ ମୁହଁଟା ପୂର୍ଣ୍ଣିମାର ଚାନ୍ଦଠାରୁ ସୁନ୍ଦର ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

---

## ତୀର୍ଯ୍ୟକ୍

# ପକ୍କାଘର ଆଶା



## ସୁବ୍ରତ ପଟ୍ଟନାୟକ

ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର । ପୂରଣ ହେବ ପକ୍କାଘର ଆଶା। ବିକଶିତ ହେବ ଆମ ଓଡ଼ିଶା । ଅନ୍ତ୍ୟୋଦୟ ଗୃହ ଯୋଜନାରେ ତିଆରି ହେବ ପକ୍କାଘର । ଆସନ୍ତା ୩ ବର୍ଷରେ ବିନିଯୋଗ ହେବ ୭୫୫୦ କୋଟି ଟଙ୍କା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲା ରିସିଗାଁରେ ପକ୍କାଘର ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି । ଘରଗୁଡ଼ିକୁ ଭିନ୍ନକ୍ଷମ, ବିଧବା, ରୋଗୀ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରକୁ ଅଗ୍ରାଧିକାର ଭିତ୍ତିରେ ମଞ୍ଜୁର କରାଯିବ । ଓଡ଼ିଶାର ଗରିବ, ନିଷ୍ପେସିତ ଲୋକେ ପକ୍କାଘରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ପାଇବେ ।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେବଳ ଯୋଜନାରେ ଗୃହ ଉଦ୍‌ଘାଟନ କରିନାହାନ୍ତି, ତତ୍‌କାଳ ୬୦ ହଜାର ପକ୍କାଘର ତିଆରି କରିବାକୁ ୱାର୍କ ଅର୍ଡର ପ୍ରଦାନ କରିଛନ୍ତି। ପ୍ରତି ହିତାଧିକାରୀଙ୍କୁ ପକ୍କାଘର ପ୍ରତି ୧ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯିବ । ଆସନ୍ତା ତିନିବର୍ଷ ମଧ୍ୟରେ ପ୍ରାୟ ୫ଲକ୍ଷରୁ ଅଧିକ ପକ୍କାଘର ଗରିବ ଲୋକଙ୍କୁ ବଣ୍ଟାଯିବ । ମୋଟ ୭୫୫୦ କୋଟି ଟଙ୍କା ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ୨୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ସହିତ ପକ୍କାଘର ପାଉଥିବା ଲୋକଙ୍କ ପାଇଁ ଅନେକ ଲୋଭନୀୟ ସୁବିଧା ବି ଖଞ୍ଜା ଯାଇଛି । ସେମାନଙ୍କୁ ସ୍ୱଚ୍ଛ ଭାରତ ମିଶନ୍ ଯୋଜନାରେ ପାଇଖାନା, ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ୍ ଚୁଲା, ସିଲିଣ୍ଡର, ଜଳ ଜୀବନ ମିଶନ ପକ୍ଷରୁ ପାଇପ ଜଳ ଯୋଗାଣ, ସୌଭାଗ୍ୟ ଯୋଜନାରେ ମାଗଣାରେ ବିଦ୍ୟୁତ ସଂଯୋଗ କରାଯିବ । ସବୁଠୁ ବଡ଼ କଥା ହେଉଛି ହିତାଧିକାରୀଙ୍କୁ ମନରେଗା ଯୋଜନାରେ ପ୍ରତିବର୍ଷ ତିନି ମାସ ଅଣକୁଶଳୀ ଶ୍ରମିକ ଭାବେ କାମ ଯୋଗାଇ ଦିଆଯିବ । ଓଡ଼ିଶାର ଗରିବ ଜନସାଧାରଣଙ୍କ ତରଫରୁ ଏହି ସ୍ତମ୍ଭକାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ । କେନ୍ଦୁଝରର ଏହି ବରପୁତ୍ର ଓଡ଼ିଶାର ଗର୍ବ ଓ ଗୌରବ । ତାଙ୍କର ପ୍ରୟାସ ଓ ସ୍ୱପ୍ନ ସଫଳ ହେଉ । କାମରେ ଦେଖାଇ ପାରିଲେ ଡବଲ୍ ଇଞ୍ଜିନ୍ ସରକାରଙ୍କୁ କେହି ବ୍ରେକ୍ ଲଗାଇ ରୋକି ପାରିବେ ନାହିଁ ।

ପ୍ରଶ୍ନ ଉଠେ- ଭାରତ ସ୍ୱାଧୀନ ହେବାର ୭୭ବର୍ଷ ବିତିଲାଣି । ଏତେ ବର୍ଷ ଧରି ଗରିବ ଲୋକେ ପକ୍କାଘର ଖଣ୍ଡେ ନ ପାଇବାର କାରଣ କଣ ? ଓଡ଼ିଶାରେ ଏଭଳି ଗରିବ ଲୋକଙ୍କ ସଂଖ୍ୟା କେତେ ? ସେମାନଙ୍କ ମଧ୍ୟରୁ କେତେଜଣ ଘର ପାଇଛନ୍ତି ଓ କେତେଜଣ ଘର ପାଇବାରୁ ବାଦ୍ ପଡ଼ିଛନ୍ତି ? ଏ ତାଲିକା ଆଜି ପର୍ଯ୍ୟନ୍ତ କୌଣସି ସରକାରଙ୍କ ଅମଳରେ ନଥିଲା । ଆଜି ବି ନାହିଁ । ତା ହେଲେ ଯୋଜନାର ଲକ୍ଷ୍ୟ ପୂରଣ ହେବ କିପରି ? ସରଳ ପ୍ରଶ୍ନ- କେଉଁ ମସିହା ସୁଦ୍ଧା ଓଡ଼ିଶାର ସବୁ ଗରିବ ଲୋକେ ପକ୍କାଘରର ମାଲିକ ପାଲିଟିବେ ?

ଶାସନ ଗାଦିକୁ ଆସିଥିବା ପ୍ରତ୍ୟେକ ଦଳ ଗରିବି ହଟାଓ ସ୍ଲୋଗାନ୍ ଦେଇ ଚାଲିଛନ୍ତି । ଗରିବି ହଟୁନି । ବରଂ ଗରିବ ଲୋକଙ୍କ ସଂଖ୍ୟା ବର୍ଷକୁ ବର୍ଷ ହୁ ହୁ ହୋଇ ବଢୁଛି । ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଲକ୍ଷ ଲକ୍ଷ ଯୁବକ ଯୁବତୀ ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ପାଲଟିଛନ୍ତି । ସାଉଦି ଆରବ, ଦୁବାଇ, ସୁଦାନ, ଓମାନ୍, କୁଏତ, ୟେମେନ୍ ଆଦି ଦେଶକୁ ଭାରତରୁ ମାନବ ଚାଲାଣ ହେଉଛି । ଓଡ଼ିଶାରେ ଶହ ଶହ ସର୍ଦ୍ଦାର ଓ ଦଲାଲ୍ ମାନବ ଚାଲାଣ କରି ମାଲାମାଲ୍ ହେଉଛନ୍ତି। ବିଭିନ୍ନ ଗଳାବାଟ ଦେଇ ସେମାନେ ଏହି ଚୋରା କାରବାର ସୁରୁଖୁରୁରେ କରାଇ ପାରୁଛନ୍ତି । ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଆଦି ଜିଲ୍ଲାର ହଜାର ହଜାର ଲୋକ ଏବେ କାମ ଲାଗି ରାଜ୍ୟ ବାହାରେ । ସର୍ଦ୍ଦାର ଅର୍ଥ ଦେଇ ସୁଧମୂଳ ହିସାବରେ ସେମାନଙ୍କୁ ଦାଦନ ଶ୍ରମିକ ଭାବେ ବନ୍ଧକ ରଖିଛନ୍ତି । ଥରେ ସେମାନଙ୍କ ଫାନ୍ଦରେ ଫସିଲେ, ମୁକୁଳିବା ମୁସ୍କିଲ । ଏହି ଶ୍ରମିକ ଗଣ ବାହାର ରାଜ୍ୟରେ କିଭଳି ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ତାହା ବୁଝିବାକୁ କେହି ନାହିଁ । ବିଧାନସଭା ଗୃହରେ ଏ ସଂକ୍ରାନ୍ତରେ ପ୍ରଶ୍ନ ପଚାରିଲେ ବି ସଠିକ ଉତ୍ତର ମିଳୁନାହିଁ ।

ଲେଖୁ ଲେଖୁ ଆମେ ମୂଳ କଥା ପାଶୋରି ଦେଲୁଣି । ପକ୍କାଘରର ସୁଫଳ କେଉଁମାନଙ୍କୁ ମିଳୁଛି ? ଓଡ଼ିଶାରେ ବର୍ତ୍ତମାନ ଚାଲିଥିବା ଡବଲ୍ ଇଞ୍ଜିନ୍ ସରକାର କିଛି ନୂଆ କଥା ନୁହେଁ । ଅତୀତରେ ଦୀର୍ଘ ବର୍ଷ ଧରି କଂଗ୍ରେସର ଡବଲ୍ ଇଞ୍ଜିନ୍ ସରକାର ଥିଲା । ପରେ ବିଜେଡି ହାତକୁ ୨୪ବର୍ଷ ଶାସନ ଡୋରି ଆସିଲା । ସେତେବେଳେ ବି କେନ୍ଦ୍ର ସରକାରଙ୍କ ସହିତ ବିଜେଡି ସରକାରର କ୍ଷୀର-ନୀର ସମ୍ପର୍କ । କେବଳ ସେତିକି ନୁହେଁ, ଓଡ଼ିଶାରେ ବିଜେଡି ଓ ବିଜେପି ନଅ ବର୍ଷ (୨୦୦୦-୨୦୦୯) ମେଣ୍ଟ ସରକାର ଗଢ଼ିଥିଲେ। ଏସବୁ ସତ୍ତ୍ୱେ ରୋଟି- କପଡ଼ା ଔର ମକାନ୍‌ର ସ୍ଲୋଗାନ୍ ଆଜି ବି ଚମତ୍କାର ଶୁଭୁଛି । ସବୁ ରାଜନୈତିକ ଦଳ ସେହି ମନ୍ତ୍ର ଅହୋରାତ୍ର ଗପି ଚାଲିଛନ୍ତି । ଅପ୍ରିୟ ସତ କଥାଟି ହେଲା- ପକ୍କାଘର ଗୁଡ଼ିକ ଗରିବଙ୍କ ବଦଳରେ ଦଳୀୟ ନେତା ଓ କର୍ମୀଙ୍କ ଖାତାକୁ ଯାଇଛି । କେନ୍ଦୁଝର ଜିଲ୍ଲାରେ ଗତ ୨୪ବର୍ଷ ମଧ୍ୟରେ ପ୍ରାୟ ୭୦ଭାଗ ବିଜୁ ପକ୍କାଘର ଧନୀ ଓ ପ୍ରଭାବଶାଳୀ ଲୋକେ ହଡ଼ପ କରିଛନ୍ତି । ରାଜ୍ୟର ହିତ ଦୃଷ୍ଟିରୁ ସେସବୁର ତଦନ୍ତ ହେବା ଦରକାର । ସରକାର ବଦଳିଲେ ବି ହଡ଼ପକାରୀଙ୍କ ବିରୋଧରେ କୌଣସି ଠୋସ୍ କଦମ୍ ନିଆଯାଉନାହିଁ । ଏହାହିଁ ସବୁଠୁ ବଡ଼ ଦୁର୍ଭାଗ୍ୟ ।

କଂଗ୍ରେସ ନେତା ରାଜୀବ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଥିବା ସମୟରେ ନିଚ୍ଛକ କଥାଟିଏ କହିଥିଲେ । ସେ କହିଥିଲେ- ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ୮୫ପ୍ରତିଶତ ଅର୍ଥ ବାଟମାରଣା ହୁଏ । ବାକି ୧୫ପ୍ରତିଶତ ଗରିବ ଲୋକେ ପାଆନ୍ତି କି ନାହିଁ, ତାହା ବି ସନ୍ଦେହ । ତାଙ୍କ କଥାଟି ସତ କି ମିଛ ଦେଶବାସୀ କହିବେ । ବିଜେପି ନେତା ନରେନ୍ଦ୍ର ମୋଦୀ ଦୀର୍ଘ ୧୫ବର୍ଷ କାଳ ଭାରତର ପ୍ରଧାନମନ୍ତ୍ରୀ ପଦରେ ରହି ସାରିଛନ୍ତି । ହାଟ୍ରିକ୍ ଅର୍ଜନ ପରେ ଏହା ତାଙ୍କର ଚତୁର୍ଥ ପାଳି। ଆଗକୁ ଶାସନ ଗାଦିରେ ବସିବାକୁ ଚାଲିଛି ଭିତିରିଆ କସରତ । ଏଣେ ଲୋକସଭା ଓ ରାଜ୍ୟସଭାରେ ଶାସନ ବିଜେପିର ଆସନ ସଂଖ୍ୟା ଧିରେ ଧିରେ କମିବାରେ ଲାଗିଛି । ଚତୁର ସରକାରଙ୍କ ଚାଲାକିକୁ ଗରିବ ଭୋଟର ଠଉରାଇ ସାରିଲେଣି । ସୁଭଦ୍ରା ଯୋଜନାରେ ମହିଳାଙ୍କୁ, ମଣ୍ଡିରେ ଧାନ କିଣାରେ ଚାଷୀଙ୍କୁ ଯାହା କରାଯାଇଛି, ତାହା ନ କହିବା ଭଲ । ଏବେ ଦେଖାଯାଉଛି, ପକ୍କାଘରର ଲୋଭନୀୟ ଆଶା । ଯୋଜନାର ସଫଳ ରୂପାୟନ ଉପରେ ତିଷ୍ଠିବ ମୋଦୀ ଓ ମୋହନ ସରକାରଙ୍କ ଭାଗ୍ୟ ଓ ଭବିଷ୍ୟତ । ସେଥିପାଇଁ ଆମକୁ ସମୟକୁ ଅପେକ୍ଷା କରିବାକୁ ପଡ଼ିବ । ଦେଖାଯାଉ କଣ ହେଉଛି ? ଜୟ ଜଗନ୍ନାଥ

♥ ଓରାଳି କେନ୍ଦୁଝର, ମୋ: ୯୯୩୭୭୯୧୨୪୪

---

## କବିତା...



### ଯଦି
**ପ୍ରଶାନ୍ତ କୁମାର ଦାଶ**

ମୁଁ ଯଦି ଚିତ୍ରକର ହୋଇଥାନ୍ତି,
ସବୁବେଳେ ସତ କହୁଥିବା
ଜିଭର ଚିତ୍ରଟିଏ ଆଙ୍କିଥାନ୍ତି ।

ମୁଁ ଯଦି ଅଭିନେତା ହୋଇଥାନ୍ତି,
ଯିଏ କ୍ଷମା ମାଗେ ଓ ଦିଏ
ବାସ୍ତବରେ ତା' ହୃଦୟ କେତେ ବଡ଼
କହିଥାନ୍ତି ମୋର ଅଭିନୟରେ ।

ମୁଁ ଯଦି ଗାୟକ ହୋଇଥାନ୍ତି,
ଗାଇଥାନ୍ତି ଅହରହ
ଶାନ୍ତିର ସାରେଗାମା ।

ମୁଁ ଯଦି ନୃତ୍ୟଶିଳ୍ପୀ ହୋଇଥାନ୍ତି,
ମୋର ପ୍ରତିଟି ମୁଦ୍ରାରେ ଫୁଟେଇ ଥାନ୍ତି
ଶ୍ରଦ୍ଧା ଓ ପ୍ରେମର ବ୍ରହ୍ମକମଳ ।

ମୁଁ ଯଦି ଗଛଟିଏ ହୋଇଥାନ୍ତି,
ଅମ୍ଳଜାନ ସହ ମଣିଷକୁ ଦେଇଥାନ୍ତି
ପରୋପକାରର ଗୁଣ ।

ମୁଁ ଯଦି କିଛିବି ହୋଇନଥାନ୍ତି,
ହୋଇଥାନ୍ତି ମାଟି ।

♥ ରେଗଡା,
ଏମ୍. ରାମପୁର,
କଳାହାଣ୍ଡି
(ମୋ) ୭୭୩୫୪୧୯୫୭୩



### ଓଟ ମଣିଷ
**ରଜନୀ ଶତପଥୀ**

ସିଏ ମତେ ଏକା କରି ଗଲା ଦିନୁଁ
ମୋ' ଲୁହ ପାଖେ ରହିଲାନି କାନ୍ଦ
ରହିଲାନି ରାତି ପାଖେ ନିଦ
ବୋଝ ପରି ଲାଗିଲା ହୃଦୟ ।

ଜହ୍ନ ରେ ମଣିଷର ଓଜନ
ବାଲ୍ଟିଏ ପାଣି ସମାନ
ସେଠି ହୃଦୟର ଓଜନ
ଅଧ କପ୍ କଫି ଠାରୁ କମ୍ ।

କେବେ ଜହ୍ନ ରାତିରେ ମୋ'ର ହୃଦୟ
ଥିଲା
ଗୋଟିଏ ପ୍ରଜାପତି ଠାରୁ ହାଲ୍କା
ତା' ସହ ଥିଲି ଯେତେ ଦିନ.....
ଏବେ ଏକା ହେଲା ପରେ ତଉଲିଲି
ମୋ' ହୃଦୟର ଭାରି ପଣ
ଯାହା ନିଜ ଦେହ ଠାରୁ ବେଶୀ
କେଇ ଗୁଣ ।

ମୋ ଭିତରେ ଥିବା ଏକା ମଣିଷଟି
ସବୁଦିନ
ଏକା ଚାଲେ ବାଟ.....
ନିଜ ପିଠିରେ ବୋହି ଥାଏ
ଶୂନ୍ୟତାରେ ଭରା ନିଜ ହୃଦୟ
ହୃଦୟର ଭାର ବୋହୁଥିବା ଏକା
ମଣିଷଟି ଏଠି
ଗୋଟେ ଭାରବାହୀ ଓଟ ।

♥ ଭୁବନେଶ୍ୱର
(ମୋ) ୯୦୪୦୦୮୯୬୯୭

### ଖୋଜୁଥିବା ସମୟକୁ
**ବୃନ୍ଦାବନ ଦାସ**



କେତେ ଖୋଜଲିଣି
ତମର ଦେଖା ନାହିଁ
ସବୁଥର ପରି
କେହି ଜଣେ କହୁଥିଲା ନିଜ ଭିତରୁ
ଭେଟ ହେବ ନିଶ୍ଚେ ଭରସା ରଖ
ଯଦି କିଏ
ସେତେବେଳେ ହଁ' କହୁଥାଏ
ନିଜ ଛଡା ଆଉ କେହି ନୁହଁ ।

ପାଦ ଥିଲେ ପଥ ଅଛି
ହୃଦୟ ଥିଲେ ପ୍ରେମ ଅଛି
ନ ପାଇବା ପଛରେ କିଏ ଥାଏ କି
ପ୍ରଶ୍ନରେ ଘାରିହେବା ବେଳେ
ପାଖରେ ଛିଡାହୁଏ ଏକା
ଚୁପଚାପ୍ ସମୟ
ପିଠି ଥାପୁଡେଇ କହେ
ରାସ୍ତା ସରେନି କି ଚାଲିବା କମେନି ।

ସତପରି ଲାଗୁଥିବା
ତମେ ହିଁ ବେଶ୍ ପ୍ରଲୋଭିତ ମୃଗତୃଷ୍ଣା
ଆଗେ ଆଗେ ଥାଅ
ଆଗେ ଆଗେ ବିଂଚୁଥାଅ ପ୍ରେମର ଜହର
କ୍ଷତାକ୍ତ ହେଉ ପଛେ ପାଦ
ଦୌଡୁଥାଏ
ଦୌଡ ସରେନା କି ଛୁଇଁ ପାରେନା ଟିପ ।

କେବେଠୁ ନିଖୋଜ
ହାତଛଡା ଅନେକ ବସନ୍ତ
ପ୍ରତି ପତ୍ରଝଡା
ଋତୁରେ ବେଶି ବେଶି ମନେପଡ
କାଳେ ଆସୁଛକି !

ସମୟକୁ ଢିରାକରି
ଚାହିଁରହି ଥାଏ ଯେ ଦେଖାନଥାଏ ତମର
ନଥାଏ ଚିହ୍ନ ବର୍ଣ୍ଣ ସୌଭାଗ୍ୟର
ତଥାପି ପଡି ରହିଥାଏ
କେଉଁ ଆଶା ଟିକକ ଧରି
ଏକ ମୂର୍ଚ୍ଛିତ ଅବସାଦ ସହ ।
ଈ

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ,
ଡେରାବିଶ କଲେଜ
କେନ୍ଦ୍ରାପଡା - ୭୫୪୨୮୯



### ଦେବଦାସ
**ପଲ୍ଲବୀ ଦାସ**

ତମେ ଏମିତି କ'ଣ ଜାଣିଛ
ମୋ ଦେବଦାସ ବିଷୟରେ ଯେ !

ତମେ ତା'କୁ ନିଜର କରି ସାରିଲଣି
ତମେ ଚାହିଁଲେ ଯଦି,
ଦେବଦାସ ତମର ହୋଇ ପାରନ୍ତା,
ତେବେ ତ ଦୁନିଆର ଅନେକ ଝିଅ
ରାତାରାତି ପ୍ରେମିକା ପାଲଟି ଯାଆନ୍ତେ ।

ମୁଁ ଭାବେ,
ଦେବଦାସ ସଶରୀରେ, ଅଶରୀରେ
ଯେମିତି ବି ଥିବେ,
କେବଳ ମୋର ।

ସଶରୀରେ ରହିଲେ ତାଙ୍କୁ ନେଇ
ମୁଁ ସଂସାର ଗଢ଼ିବି ନାହିଁ,
ବରଂ ଚିରଦିନ ମୁଁ କୁମାରୀଟିଏ ହୋଇ
ତାଙ୍କ ସତ୍‌ସଙ୍ଗ ଲଭିବି ।
ପ୍ରତି ମୁହୂର୍ତ୍ତରେ ଦୁନିଆର ଯାବତ୍ ନୀତି ନିୟମ
ଜଟିଳତାକୁ ଅମାନ୍ୟ କରି
ତାଙ୍କ ପ୍ରେମରେ ବଞ୍ଚିବି,
ଦରକାର ପଡେ ଯଦି,
ହସି ହସି ଜୀବନକୁ ଉତ୍ସର୍ଗ କରିବି ।

ଯଦି,
ଅଶରୀରେ ଥାଆନ୍ତି, ତାଙ୍କ ପାଇଁ
ମୋ ନିତ୍ୟ ସାଧନା, ଆରାଧନା ସମର୍ପି
ଆକାଶ ଭର୍ତ୍ତି ସ୍ୱପ୍ନକୁ ଆଞ୍ଜୁଳା ଆଞ୍ଜୁଳା କରି
ମୋ ପଣତକାନିରେ ସାଇତି ରଖିବି ।

କୁହ,
ଏବେ କୁହ,
ତମେ କ'ଣ ମୋ ଭଳି କରିପାରିବ ?
ପ୍ରତି ମୁହୂର୍ତ୍ତ ରେ ତାଙ୍କୁ ନେଇ
ସ୍ୱପ୍ନ ଦେଖି ପାରିବ ?
ପ୍ରତିକ୍ଷଣ ସମର୍ପି ପାରିବ ନିଜକୁ,
ନିଜ ଜୀବନକୁ, ସ୍ୱପ୍ନକୁ, ଆଭିଜାତ୍ୟକୁ ?

ନା, ପାରିବନି ନା ?
ମୁଁ ଜାଣେ ତମେ ପାରିବନି
ତେବେ କାହିଁକି ଏ ଦିବା ସ୍ୱପ୍ନର
ଯାବତ୍ ଜଟିଳତା ?

ତମେ ତମ ରାସ୍ତାରେ ଦେବଦାସକୁ
ନିଜର କରିବାକୁ ଯାଅ, ପ୍ରଚେଷ୍ଟା କର
ଆଉ ମୁଁ ମୋ ପ୍ରେମ,ପ୍ରଣୟ,
ପରମାର୍ଥକୁ ସମର୍ପି
ଦେବଦାସଙ୍କର ହୋଇ ସାରିଛି ।

ଦେଖାଯାଉ
ଦେବଦାସ କାହାର,
ତମର ନା ମୋର ।

♥ ଜୁନାଗଡ,କଳାହାଣ୍ଡି
୮୬୫୮୭୪୦୨୯୧



### ତମରି ପରି ଭାରି ସିଏ ଦୂର
**ଶିଶିର ନାୟକ**

ଅଧର୍ଯ୍ୟକୁ ବାରଣ ଏଠି
ଲୁହକୁ ବି

ମଲା ଗଛରେ ଦିଶୁଥାଏ ବଉଳ
ସିଏ କାଳେ ସାନ୍ତ୍ୱନାର କଢ଼

ଜ୍ୱର ବଢେ ବସନ୍ତରେ
ଛୁଟି ଆସେ କିଏ ଜଣେ
ଚଇତର ବିରହରେ

ଝିଅଟିର କଥା ଘୁରେ
ଏ ଗଳି ଓ ସେ ଗଳିରେ
ସତ କହ ସତ କହ ମାଆ ଧମକାଏ

ପ୍ରତିବାଦ ନ ଥାଏ
ଆକାଶରେ ତାରା ଫୁଟି ନ ଥାଏ

ତମକୁ ଅନେଇ ଅନେଇ
ରାତି ସରି ସକାଳ ଆସେ
ଲୁହ ନେଇ ଫେରିଥିବା ସେଇ ଟ୍ରେନଟି
ଛୁଟୁଥାଏ ପୁଣି ଥରେ ଭିତରେ ଭିତରେ

ଜୀବନ ସରିଯାଏ
ଭୁଲେନା ସିଏ
ଘୃଣାରେ ବଞ୍ଚେ ଘୃଣାରେ ଶୁଏ
ଫୁଲ ପାଖୁଡ଼ାର କେଉଁ କାକର ଟିକେ
ଚେଇଁଥାଏ ଅନୁଭବରେ

ନିଆଁ ଜଳୁଥାଏ ଲିଭୁଥାଏ
କଷଟି ଗାଆଁ ବଂଚୁଥାଏ ମରୁଥାଏ
ଦରପୋଡ଼ା ଏଇ ଫଗୁଣରେ

ସ୍ପଷ୍ଟ ଓ ଅସ୍ପଷ୍ଟର ଖେଳରେ
ଝୁଲୁଥାଏ ରଜନୀଗନ୍ଧାର କୋହ
ତମରିପରି ଭାରି ସିଏ ଦୂର

♥ ମୋ: ୯୯୩୭୪୯୦୬୪୭

# ସାରାଜୀବନ କବିତା ସାଥିରେ ରହିପାରିବା ହିଁ କବିର ସୌଭାଗ୍ୟ : ରବି ଶତପଥୀ

**ରବି ଶତପଥୀ**
**ଓଡିଆ କବିତା ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ। କବିତା ସହ ଅଜସ୍ର ଏକପଦୀ କବିତାର ସ୍ରଷ୍ଟା ସେ । ତାଙ୍କ କବିତାରେ ଦୃଶ୍ୟମାନ ହୁଏ ନିରବତାର କୋଳାହଳ ଆଉ କୋଳାହଳର ନିରବତା । ସେ ଶବ୍ଦରେ ବେଶ୍ ସୁନ୍ଦର ଭାବରେ ଆଙ୍କି ପାରନ୍ତି ଜୀବନ ଓ ବାସ୍ତବତାର ଚିତ୍ର। 'ସଂପ୍ରତି ପୁରସ୍କାରକୁ ନେଇ ଯେଉଁ ସବୁ ଶସ୍ତା ଚର୍ଚ୍ଚା ହେଉଛି, ସେଥିରୁ ସତ୍ ସାହିତ୍ୟିକଟିଏ ମୁକ୍ତ ରହିବା ଉଚିତ୍' ବୋଲି କହୁଥିବା ଲେଖକଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ପିଲାଦିନୁ ଅନେକ ଗପ ତ ଶୁଣିଛି, କିନ୍ତୁ ଶ୍ରେଣୀଗୃହରେ ଶିକ୍ଷକ କବିତା ପଢ଼ାଇବା ବେଳେ ମୁଁ ବେଶ୍ ବିଭୋର ହୁଏ। କବିତା ପଢ଼େ, ମନେରଖେ, ଆବୃତ୍ତି କରେ। ବିଭିନ୍ନ ଭାବର କବିତା ମୋ ଭିତରେ ଭାବାବେଗ ସୃଷ୍ଟି କରେ। ବିଶେଷ କରି କରୁଣ ରସର କବିତା ମୁଁ ମନଭରି ଶୁଣେ କାନ୍ଦ କାନ୍ଦ ହୁଏ। ପିଲାବେଳୁ ଗୋଟେ ଭାବନା, ଯଦି ପାରିବି ବଡ଼ ହେଲେ ମୁଁ ନିଶ୍ଚୟ କବିତା ଲେଖିବି। ବୋଧହୁଏ ସେଥିପାଇଁ ଏ ମୋର କବିତାର ସୃଜନ ଯାତ୍ରା।

ଦ୍ୱିତୀୟରେ ମୋ ନନା ଖୁବ୍ ସୁନ୍ଦର ଭାବରେ ଶ୍ଳୋକ ଆବୃତ୍ତି କରନ୍ତି, ବୁଝାନ୍ତି। ସେ ସବୁ ମୋତେ ପ୍ରାଣସ୍ପର୍ଶୀ କବିତା ଭଳି ଲାଗେ, ନନାଙ୍କ କଥାରେ ଓ ଆବୃତ୍ତିରେ ଗୋଟେ ଯାଦୁ ଥିଲା। ଏସବୁ ସ୍ମୃତି ଏତେ ସମ୍ମୋହନ ଭିତରେ ରଖିଲା ଯେ ମୁଁ କଲେଜରେ ପଢ଼ିବାବେଳେ ଛୋଟ ଛୋଟ କବିତା ଲେଖାରୁ ସୃଜନଯାତ୍ରା ଆରମ୍ଭ କଲି।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋର ନନା ଓ ପିଲାଦିନେ ସାହିତ୍ୟ ବହିରୁ ପଢ଼ିଥିବା କବିତା ସବୁ। ପରେ ପରେ ମୋର ଜନ୍ମମାଟି ମୋର ଗାଆଁ କବିତା ଲେଖିବା ପାଇଁ ମୋତେ ପ୍ରେରଣା ଯୋଗାଇଛି। ବାସ୍ତବରେ ଈଶ୍ୱରଙ୍କ ସୃଷ୍ଟିର ପ୍ରକୃତି, ତା'ର ସୌନ୍ଦର୍ଯ୍ୟ ମୋର କବିତାର ଆଦ୍ୟଗୁରୁ। ଯାହା ମୋ କବିତାକୁ ଅନେକ ସମୟ ଆଚ୍ଛନ୍ନ କରି ରଖେ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କ କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କ ପ୍ରିୟ ଓ କାହିଁକି ?**

■■ ପ୍ରଥମେ ୧୯୮୯ରେ ଗୋଟେ ଇନ୍‌ଲ୍ୟାଣ୍ଡ ଲେଟର ମାଗାଜିନ୍ 'ତୃପ୍ତି'ରେ ମୋର ଛୋଟ କବିତାଟିଏ ଛପା ଅକ୍ଷରରେ ବାହାରିବାର ଆନନ୍ଦ କହିଲେ ନ ସରେ। ସେଦିନ ତ ଖୁସିରେ ଖାଇବା ପିଇବା ଭୁଲିଗଲି। ପରେ ପରେ ୧୯୯୦ ଜାନୁଆରୀ ୧ ତାରିଖରେ ଆକାଶବାଣୀ ଜୟପୁର କେନ୍ଦ୍ରର ଯୁବବାଣୀରେ ଯେତେବେଳେ ମୋର କବିତା 'ନୂଆବର୍ଷ' ପ୍ରଚାରିତ ହେଲା, ସେ ଦିନ ଲାଗିଲା ସତରେ ମୁଁ କବି ହୋଇଗଲି। କବିତା ବହିର କଥା କ'ଣ ଲେଖିବି। ଦୀର୍ଘ ୩୫ ବର୍ଷ ଧରି କବିତା ସୃଜନର ଯାତ୍ରାରେ ଏପର୍ଯ୍ୟନ୍ତ ମୋର ଗୋଟିଏ ମାତ୍ର କବିତା 'ଅବୁଝା ପକ୍ଷୀର ଗୀତ' ବହି, ତାହା ପୁଣି ବ୍ଲାକ୍ ଈଗଲ୍ ବୁକ୍ସ, ଆମେରିକା ପ୍ରକାଶନ ତରଫରୁ ସତ୍ୟ ଭାଇଙ୍କ ସୌଜନ୍ୟରୁ ପ୍ରକାଶିତ। ସିଏ ମୋର ଏକୋଇର ବଳା ବିଶିକେଶନ। ସିଏ ମୋର ଧନ, ମନ, ପ୍ରାଣ ଓ ଜୀବନ। ମୋର ଅତ୍ୟନ୍ତ ଉଦାସୀନତା ଯୋଗୁଁ ଏକାଧିକ କବିତା ପୁସ୍ତକ ପ୍ରକାଶନରୁ ମୁଁ ଜାଣିଶୁଣି ବଂଚିତ। ତେଣୁ କବିତା ବହିର କଥା ପଡ଼ିଲେ ମୁଁ ଅନ୍ୟ କବିଙ୍କ ପାଖରୁ ଲୁଚେ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚିବ ବୋଲି ଆପଣ ଭାବନ୍ତି ?**

■■ ଭାରତୀୟ ସାହିତ୍ୟ ଧାରାରେ ଓଡ଼ିଆ ସାହିତ୍ୟର ସ୍ଥିତି ବେଶ୍ ସୁଦୃଢ଼ ଓ ଚିତ୍ତାକର୍ଷକ। ଆମେ ଜାଣୁ ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ଓଡ଼ିଶା ପ୍ରଦେଶର ଜନ୍ମ। ଏ ମାଟିର ମଣିଷମାନଙ୍କର ଭାଷାପ୍ରୀତି ଥିଲା ଓ ରହିଛି। ଓଡ଼ିଶାର ଶେଷ ମଣିଷଟି ଓଡ଼ିଆରେ ହିଁ କହିବ। କିନ୍ତୁ ଏ କଥା ବି ସତ ଯେ, ସାହିତ୍ୟ କେବଳ ଭାଷାରେ ସୀମିତ ରହିବ ନାହିଁ, ଏଥିପାଇଁ ଲେଖିବା ଓ ପଢ଼ିବାର ଯଥେଷ୍ଟ ଆବଶ୍ୟକତା ରହିଛି। ସଂପ୍ରତି ଯୁବପିଢ଼ିମାନଙ୍କର ବହୁଳ ମୋବାଇଲ୍ ଫୋନ୍ ବ୍ୟବହାର ସାହିତ୍ୟ ସର୍ଜନା ପ୍ରତି ଆଶଙ୍କା ଆଣୁଥିଲେ ମଧ୍ୟ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ପ୍ରତି ମୁଁ ଆତଙ୍କିତ ନୁହେଁ।

ସାହିତ୍ୟ ବିଭିନ୍ନ ଭାବ ଓ କଳାତ୍ମକତାର କଥା। ଭାବନା ଓ ଆବେଗକୁ ଯେତେ ସରଳ ଭାବରେ ବ୍ୟକ୍ତ କରାଯାଇପାରିବ, ସାହିତ୍ୟ ସେତେ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚିପାରିବ ବୋଲି ମୋର ବ୍ୟକ୍ତିଗତ ଆଶା। ସେ ସମୟର ଉଚ୍ଚାଙ୍ଗ ସାହିତ୍ୟ ପାଖରୁ ଆମେ ଯଦି ଏପର୍ଯ୍ୟନ୍ତ ମୁକୁଳି ପାରିନାହୁଁ। ତେବେ ବର୍ତ୍ତମାନର ସାହିତ୍ୟକୁ ପାଠକ ମନଲାଖି ସୃଷ୍ଟି କରାଯାଇପାରିଲେ, ସାହିତ୍ୟ ସାଧାରଣ ଲୋକଙ୍କ କଥା କହିବାକୁ ସମର୍ଥ ହେଲେ ସାହିତ୍ୟର ଆଦୃତି ନିଶ୍ଚୟ ବଢ଼ିବ।

■ **କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?**

■■ ଆମର ମାତୃଭାଷା ଓଡ଼ିଆ ଦିନେ ଗଭୀର ସଂକଟରେ ଥିଲା, ଏହା ସତ, କିନ୍ତୁ ଏବେ ସେମିତି ସଙ୍କଟରେ ଅଛି ବୋଲି ଆମେ ବିଚାର କରିବା ଭୁଲ୍। ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଅନ୍ୟ ଭାଷାର ପ୍ରଭାବ ତ ରହିବ ନିଶ୍ଚୟ, ତା' ଅର୍ଥ ନୁହେଁ ଯେ, ମାତୃଭାଷାର ବିଶେଷ କ୍ଷତି ହେବ। ପୂର୍ବରୁ ସୂଚନା ଦେଇଥିଲି। ଓଡ଼ିଆ ଲୋକଟେ ଓଡ଼ିଆରେ ହିଁ କହିବ। କିନ୍ତୁ ଯେଉଁ ଭୟ ଆମକୁ କବଳିତ କରୁଛି, ସେଥିରୁ ମୁକ୍ତି ପାଇବାର ମାର୍ଗଟି ହେଲା ଆମକୁ ଆମର ସାହିତ୍ୟ ଅଧିକ ଅଧ୍ୟୟନ କରିବାକୁ ପଡ଼ିବ, ତା' ସଙ୍ଗେ ସଙ୍ଗେ ଅଧିକ ଲେଖକ ସୃଷ୍ଟି କରିବାକୁ ପଡ଼ିବ। ଏଥିପାଇଁ ଭାଷା ସାହିତ୍ୟ ଶିକ୍ଷକଙ୍କର ପ୍ରେରଣା ଓ ଉତ୍ସାହ ଯୁବପିଢ଼ିଙ୍କୁ ଅଧିକ ପ୍ରେରିତ କରିପାରିବ ବୋଲି ମୋର ବିଶ୍ୱାସ।

■ **ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ କବିଙ୍କୁ ପାସୋରି ଦେଇ ଯେଉଁ ପାଠକ ସେ କବିଙ୍କର କବିତାକୁ ମୁଖସ୍ଥ କରି ରଖିଥାଏ କିମ୍ବା ଗୁଣୁଗୁଣେଇ ହୁଏ, ମୋ ମତରେ ସିଏ ତ ଭଲ କବିତା। କବିତାର ଭାବ, ଆବେଗ, ଶବ୍ଦ ଓ କଳାତ୍ମକତା ଯେତେବେଳେ ସାଧାରଣ ପାଠକର ଅନ୍ତରକୁ ସ୍ପର୍ଶ କରେ, ସିଏ ହିଁ ମୋ ମତରେ କାଳଜୟୀ କବିତା। ଏପରି ଅନେକ କବିତାକୁ ଆମେ ଏଯାଏଁ ମନେ ରଖିଛୁ, ଯାହାକୁ ଭୁଲିବାକୁ ଚେଷ୍ଟା କଲେ ବି ଆମେ ବିଫଳ ହେଉ। ମଣିଷର ମନ ବଡ଼ ବିଚିତ୍ର। ତା'ର ମାନସିକତା ତା'ର ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ବେଶି ନିର୍ଭର କରେ, କିନ୍ତୁ ଶୁଣିବା ଓ ପଢ଼ିବା ଦ୍ୱାରା ମଣିଷର ମାନସିକ ସ୍ଥିତିରେ ବିରାଟ ପରିବର୍ତ୍ତନ ଆସିପାରେ। ସୁସାହିତ୍ୟ ମଣିଷକୁ ସଂପୂର୍ଣ୍ଣ ନ ବଦଳେଇ ପାରିଲେ ବି ଅନେକ ସମୟ ତା' ଉଚ୍ଚାରଣ ଓ ଆଚରଣକୁ ପ୍ରଭାବିତ କରେ। ତେଣୁ ପାଠକର ଗ୍ରହଣଶୀଳତା ଉପରେ ସାହିତ୍ୟ ତା' ମାନସିକ ସ୍ଥିତିକୁ ନିୟନ୍ତ୍ରଣ କରେ।

■ **ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଆପଣ କେତେ ଆଶାବାଦୀ ?**

■■ ମୋର ସୌଭାଗ୍ୟ ମୁଁ ଓଡ଼ିଆ ଭାଷା ସାହିତ୍ୟର ଜଣେ ଛାତ୍ର ଓ ଅଧ୍ୟାପକ। ଶ୍ରେଣୀଗୃହରେ ଶିକ୍ଷାଦାନ କଲାବେଳେ ମୁଁ ଭାବେ, ଏତେ ବଡ଼ ସମୃଦ୍ଧ ଭାଷାର ଭବିଷ୍ୟତ ଉଜ୍ଜ୍ୱଳ ନିଶ୍ଚୟ, ନହେଲେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ପାରିନଥାନ୍ତା। ଆମ ଭାଷା ସାହିତ୍ୟର ବିଭିନ୍ନ ଭାଷାରେ ଅଧିକ ଅଧିକ ଅନୁବାଦର ଆବଶ୍ୟକତା ରହିଛି। ଫଳରେ ଓଡ଼ିଆ ସାହିତ୍ୟର ଗଭୀରତାକୁ ଅନ୍ୟ ଭାଷାଭାଷୀ ପାଠକମାନେ ବୁଝିପାରିବେ। କମ୍ପ୍ୟୁଟର ମାଧ୍ୟମରେ ଆମ ଭାଷାର ପ୍ରଗତି ଆମ ଭାଷା ସାହିତ୍ୟକୁ ଖୁବ୍ ଆଗକୁ ନେବ ବୋଲି ମୁଁ ଆଶାବାଦୀ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପ୍ରକୃତ ଲେଖକ ପୁରସ୍କାର ପାଇବା ପାଇଁ ଲେଖେ ନାହିଁ, ଯଦି ତା'ର ଉତ୍କୃଷ୍ଟ ଲେଖା ପାଇଁ ସେ ପୁରସ୍କୃତ ହୁଏ, ତେବେ ତାହା ସେ ସୃଷ୍ଟିର ଭାଗ୍ୟ ବୋଲି ମୁଁ ଭାବେ। ପାଠକୀୟ ସ୍ୱୀକୃତି ବା ଆଦର ଲେଖକ ପାଇଁ ସର୍ବଶ୍ରେଷ୍ଠ ପୁରସ୍କାର। ଗୋଟେ ସୃଷ୍ଟିର ଗୁଣାତ୍ମକମାନ ବିଶେଷ ଭାବରେ ପାଠକାଦୃତି ହେବାପରେ ତାହା ପୁରସ୍କାର ଯୋଗ୍ୟ ହେବା ଉଚିତ, ଫଳରେ ସ୍ରଷ୍ଟାର ସୃଷ୍ଟି ପ୍ରତି ଦାୟିତ୍ୱବୋଧ ବଢ଼ିବ, ଅଧିକରୁ ଅଧିକ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇପାରିବ। ସଂପ୍ରତି ପୁରସ୍କାରକୁ ନେଇ ଯେଉଁ ସବୁ ଶସ୍ତା ଚର୍ଚ୍ଚା ହେଉଛି, ସେଥିରୁ ସତ୍ ସାହିତ୍ୟିକଟିଏ ମୁକ୍ତ ରହିବା ଉଚିତ। ବଡ଼ ବଡ଼ ସାହିତ୍ୟ ଅନୁଷ୍ଠାନ ସବୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରୁଛନ୍ତି। ତାହା ପାଇବା ପାଇଁ ଲେଖକଟିଏ ସେତିକି ସମର୍ଥ ଓ ଯୋଗ୍ୟ ହେଉ। ପୁରସ୍କାରର ସମ୍ମାନ ସୃଷ୍ଟି ଆଗରେ କମ୍ ହେଉ। ଅନେକ ତରୁଣ ସାହିତ୍ୟିକ ସୁନ୍ଦର ଲେଖୁଛନ୍ତି। ଆଉ ଯେଉଁମାନେ ଲେଖିବା ପାଇଁ ପ୍ରସ୍ତୁତ ହେଉଛନ୍ତି, ସେମାନଙ୍କୁ ମୋର ଛୋଟ ଅନୁରୋଧ ରହିବ ଯେ, ସେମାନେ ପ୍ରଚୁର ପଢ଼ନ୍ତୁ, ପ୍ରଥମରୁ ପୁରସ୍କାର କଥା ମନକୁ ନନେଇ ଲେଖି ଚାଲନ୍ତୁ, ଲେଖାର ଦମ୍ ଥିଲେ ଦାମ୍ ନିଶ୍ଚୟ ପାଖରେ ଆସି ପହଂଚିବ। ❤❤

■ **ଅଳ୍ପରେ ରବି ଶତପଥୀ**



ନାମ : ରବି ଶତପଥୀ
ପିତା : ସନାତନ ଶତପଥୀ
ମାତା : ତାରା ଶତପଥୀ
ଜନ୍ମ : ୨୨.୦୬.୧୯୬୬
ଜନ୍ମସ୍ଥାନ : କୁରାଳ, ଜି- ନୟାଗଡ
ବର୍ତ୍ତମାନର ଠିକଣା - ନୀରବ ନୀଡ, କୋରାପୁଟ- ୭୬୪୦୨୦
(ମୋ) ୯୪୩୭୭୮୪୮୫୯/୮୩୨୮୯୨୯୦୩୮

■ **ପ୍ରକାଶିତ ପୁସ୍ତକ**
ବ୍ଲାକ ଇଗଲ ବୁକ୍ସ ଡବଲିନ ଦ୍ୱାରା ପ୍ରକାଶିତ କବିତା ପୁସ୍ତକ 'ଅବୁଝା ପକ୍ଷୀର ଗୀତ'



କବି ରବି ଶତପଥୀଙ୍କ ବିଦଂଗତ ବୋଉ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ରବି ଶତପଥୀ....



ସୁଖୀ ପରିବାର : ପତ୍ନୀ ଓ ଏକମାତ୍ର କନ୍ୟାଙ୍କ ସହ କବି ରବି ଶତପଥୀ ......




ସାହିତ୍ୟ ସଭାରେ କବି ରବି ଶତପଥୀ....



ଲେଖକ ବନ୍ଧୁମାନଙ୍କ ଗହଣରେ କବି....



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି

ଭାଗ-୧୫



**ଆମେ ଫେରିଲା ବେଳକୁ ଘର ସାମ୍ନା ପିଣ୍ଡା ଉପରେ ପଡିଥିବା ହାତବାଲା କାଠ ଚୌକି ଉପରେ ବସିଥିଲେ ଜେଜେମାଆ । ତାଙ୍କ ହାତରେ ଥିଲା ହାତେ ଲମ୍ବର ପାଞ୍ଚଣ । ଆମକୁ ଦେଖି ଉଠି ଆସିଲେ ସିଏ ଚୌକିରୁ । ଆମ ଆଖି ଆଗରେ ପାଞ୍ଚଣ ହଲେଇ କହିଲେ, କୁଆଡେ ଯାଇଥିଲ ସବୁ, ହାଁ । ପରେ ଜାଣିଲୁ କେହି ଜଣେ ଆସି ଘରେ ଖବର ଦେଇ ଦେଇଥିଲା ଯେ ଘରର ସବୁ ଛୁଆଙ୍କୁ ନେଇ ବଡଭାଇ ଟ୍ରେନ ଆସିବା ସମୟରେ ରେଳଧାରଣା ଉପରେ ନଇଁ ପଡି କଣ କରୁଥିଲେ ।**

ପୃଥିବୀର ଅଧିକାଂଶ ବଡ ବଡ ସଂସ୍ଥାର ହେଡ-କ୍ୱାର୍ଟର ନ୍ୟୁୟର୍କରେ ରହିଛି। ଆଉ ଏହା ହେଉଛି ପୃଥିବୀର ତୃତୀୟ ବ୍ୟୟବହୁଳ ସହର । ଦୁଇଟି ସ୍ୱିସ ସହର ଜେନିଭା ଓ ଜୁରିଚ ପରେ ରହିଛି ନ୍ୟୁୟର୍କର ସ୍ଥାନ, ଯେଉଁଠି କଷ୍ଟ ଅଫ ଲିଭିଙ୍ଗ ବା ଜୀବନଯାପନ ବ୍ୟୟ ଖୁବ ଅଧିକ । ସୂଚନା ଅନୁସାରେ ନ୍ୟୁୟର୍କରେ ଜଣେ ମଣିଷ ସାଧାରଣ ଭାବରେ ଏକ ଷ୍ଟୁଡିଓ ଆପାର୍ଟମେଣ୍ଟ ନେଇ ଚଳିବା ପାଇଁ ଅତି କମ୍‌ରେ ୫୦୦୦ ରୁ ୬୦୦୦ ଡଲାର ଆବଶ୍ୟକ ହୋଇଥାଏ । ଯାହା ଜଣଙ୍କର ମାସିକ ଦରମାର ଏକ ସିଂହଭାଗ । ସେଥିପାଇଁ ନ୍ୟୁୟର୍କରେ କାମ କରୁଥିବା ଅଧିକାଂଶ ଲୋକ ନ୍ୟୁୟର୍କ ସହରର ଡାଉନ ଟାଉନ ଅଞ୍ଚଳ , ନିକଟବର୍ତ୍ତୀ ସହର ନ୍ୟୁଜର୍ଶୀ ଓ ପେନ୍ସିଲଭାନିଆରେ ରହିବାକୁ ପସନ୍ଦ କରନ୍ତି ଏବଂ ପ୍ରତିଦିନ ଏନଜେଟି ବା ନ୍ୟୁଜର୍ଶୀ ଟ୍ରାଞ୍ଜିଟର ଟ୍ରେନ ବା ବସ ଯୋଗେ ନ୍ୟୁୟର୍କ ଯିବାଆସିବା କରନ୍ତି । ଏନଜେଟିର ଟ୍ରେନ ନ୍ୟୁୟର୍କ, ନ୍ୟୁଜର୍ଶୀ ଓ ପେନସିଲଭାନିଆ ମଧ୍ୟରେ ଯାତାୟାତ କରେ । ଏନଜେଟିକୁ ଛାଡି ପାଥ (ପୋର୍ଟ ଅଥରିଟି ଅଫ ଟ୍ରାନ୍ସ ହଡସନ), ଆମଟ୍ରାକ ଆଦି ଅନେକ ପବ୍ଲିକ ଟ୍ରାନ୍ସପୋର୍ଟ ରହିଛି । ହେଲେ ସେମାନଙ୍କ ମଧ୍ୟରୁ ଏନଜେଟିକୁ ଲୋକମାନେ ବହୁଳ ଭାବରେ ବ୍ୟବହାର କରନ୍ତି କାରଣ ଏହା ଅପେକ୍ଷାକୃତ ଭାବରେ ଶସ୍ତା । ଏହି ଟ୍ରେନ ସେବା ନ୍ୟୁଜର୍ଶୀ ରାଜ୍ୟ ଦ୍ୱାରା ପରିଚାଳିତ ହୋଇଥାଏ । ଯେହେତୁ ଝିଅର କଲେଜ, ନ୍ୟୁଜର୍ଶୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ନ୍ୟୁଜର୍ଶୀରେ ତେଣୁ ସେମାନେ ନ୍ୟୁଜର୍ଶୀରେ ରୁହନ୍ତି । କିନ୍ତୁ ସିଏ ଜାତିସଂଘର କାର୍ଯ୍ୟାଳୟରେ ଇଣ୍ଟର୍ନସିପ କରୁଥିବାରୁ ତାକୁ ଯିବାକୁ ପଡେ ନ୍ୟୁୟର୍କ ସପ୍ତାହରେ ତିନିଦିନ । ସିଏ ଘର ପାଖରେ ଥିବା ଷ୍ଟେସନରୁ ଏନଜେଟିର ଟ୍ରେନରେ ଯାଏ ନ୍ୟୁୟର୍କ ପେନ ଷ୍ଟେସନ ଓ ସେଠାରୁ ସବୱେରେ ମାନହାଟନରେ ଥିବା ଜାତିସଂଘ କାର୍ଯ୍ୟାଳୟକୁ। ଆମେ ଯାହାକୁ ମେଟ୍ରୋ ଟ୍ରେନ କହୁ ଆମେରିକାରେ ତାକୁ ସବୱେ କୁହାଯାଏ। ନ୍ୟୁୟର୍କର ରାସ୍ତାଘାଟରେ ଅସମ୍ଭବ ଟ୍ରାଫିକ ଜାମ ରହୁଥିବାରୁ ଯିବା ଆସିବା ପାଇଁ ଲୋକେ ସବୱେକୁ ବ୍ୟବହାର କରନ୍ତି । ପ୍ରତି ୨-୫ ମିନିଟ ବ୍ୟବଧାନରେ ମିଳିଯାଏ ଟ୍ରେନ ସବୱେରେ, ଯାହା ଆଶ୍ୱସ୍ତ କରେ ଚାକିରିଆ ଲୋକଙ୍କୁ ।

ଦ୍ୱିପ୍ରହରରେ ଖାଇସାରିଲା ପରେ ମୋ ଆଖିକୁ ମାଡି ଆସିଲା ଘମାଘୋଟିଆ ନିଦ । ମୁଁ ଘୋଡିଘାଡି ହୋଇ ଶୋଇପଡିଲି । ଉଠିଲା ବେଳକୁ ବେଳ ଗଡି ଯାଇଥାଏ । ଝିଅ ଆସିଲା ପରେ ଆମେ ଘେରାଏ ଯାଇ ବୁଲିଆସିଲୁ ତଳେ। ସେଦିନ ରାତିରେ କିନ୍ତୁ ମୋତେ ଜମାରୁ ନିଦ ହେଲାନି । ମୁଁ ପେଚା ଭଳି ବସିରହିଲି ଝରକା କଡ ଚୌକିରେ । ବସି ବସି ଫୋନ ଆଡେଇଲି ଆଉ ନିଶୂନ ରାତିର ସିକ୍ୱାରକୁ କାନ ଡେରି ଶୁଣିଲି । ଡରରେ ଫୋନ କଲ କରିପାରିଲିନି କିମ୍ବା ଟିଭି ଦେଖିପାରିଲିନି, କାରଣ କାଠ ଘର ହୋଇଥିବାରୁ ଶବ୍ଦ ଭେଦିଯାଏ କାନ୍ଥ ଦେଇ ଆର ପାଖକୁ । ରାତି ନିସ୍ତବ୍ଧ ହୋଇଗଲେ ପାଖ ଘର ବାଥରୁମର ଫ୍ଲସ ଶବ୍ଦ ବି ଆମ ଘରକୁ ସଫା ସଫା ଶୁଭେ । ପରଦିନ ବି ଦ୍ୱିପ୍ରହରରେ ଖାଇ ସାରି ଶୋଇପଡିଲି ମୁଁ । ଦଶ/ପନ୍ଦର ମିନିଟ ଯାଇଥିବ କି ନାହିଁ, ଜୋଇଁ ଟିକୁ ଆସି ଡାକିଲେ, "ମାମା ଉଠନ୍ତୁ , କହି।" ମୋର ଆଖି ବନ୍ଦ ହୋଇ ଯାଉଥିଲା ନିଦରେ । ମୁଁ ଘାଲେଇକି ପଡି ରହିଲି । ସିଏ ଏଥର କହିଲେ, ଉଠନ୍ତୁ ମାମା, ମିକିକୁ ଆଣିବାକୁ ଯିବା ।" ମୋ ଆଖିରୁ ନିଦ ଗାଏବ ହେଇଗଲା । ମୁଁ ଚଟକିନା ଉଠି ପଡି କହିଲି, "କାହିଁ କଣ ହେଲା କି ? ସିଏ ତ ଟ୍ରେନରେ ଆସିବା କଥା ।"

"ହଁ ଆସିବା କଥା ତ । ହେଲେ ସିଏ ଗୋଟେ କାଣ୍ଡ କରିଦେଇଛି ।"

"କଣ ହେଲା । କଣ କଲା ସିଏ ?" ମୁଁ ଏବେ ଭୟ ଓ ଆଶଙ୍କାରେ ଜଡସଡ ।

"ଆରେ ବ୍ୟସ୍ତ ହୁଅନ୍ତୁନି, ଡରିବାର କିଛି ନାହିଁ । କିନ୍ତୁ ସିଏ ଟ୍ରେନରେ ଶୋଇ ପଡିଥିଲା । ତାକୁ ଯେଉଁ ଷ୍ଟେସନରେ ଟ୍ରେନ ବଦଳେଇବାର ଥିଲା ସେଇ ଷ୍ଟେସନ ପାର ହେଇଗଲା । ଏବେ ତାକୁ ଯାଇ ଆଣିବାକୁ ହେବ ଟ୍ରେନରୁ । ଆପଣ ଶୀଘ୍ର ପ୍ରସ୍ତୁତ ହୋଇ ଯାଅନ୍ତୁ ।"

ମୁଁ ମୁହଁ ହାତ ଧୋଇଧାଇ, ଲୁଗା ବଦଳେଇ ସାଙ୍ଗେ ସାଙ୍ଗେ ପ୍ରସ୍ତୁତ ହୋଇପଡିଲି। ମୁଁ ରୁମରୁ ବାହାରିଲା ବେଳକୁ ଟିକୁ ଦୁଇ କପ ଅଦା ପକା କଡା ଚା' ତିଆରି କରି ଟେବୁଲରେ ରଖିଥିଲେ । ଆମେ ଚାହା ପିଇ ସାରି ବାହାରିପଡିଲୁ । ମୁଁ ଚୁପଚାପ ଶାଙ୍କୁଡି ହେଇ ବସିଥାଏ । ଝିଅ ପାଇଁ ଚିନ୍ତିତ ଥାଏ ମୁଁ । ବିଦେଶ ଜାଗା, କେଜାଣି କେଉଁଠି ଓହ୍ଲେଇବ । ଏମିତି କେମିତି ଶୋଇପଡିଲା । ନିଜକୁ ବି ଦୋଷୀ ଦୋଷୀ ଲାଗୁଥାଏ । ମୋତେ ନିଦ ଲାଗୁନି ବୋଲି ରାତି ଅଧ ଯାଏଁ ଗପସପ କରୁଛି ମୋ ସହିତ । କେତେବେଳେ ପୁଣି ତାର ଆସାଇନମେଣ୍ଟ ରେଡ୍ଡୀ କରୁଛି କଲେଜରେ ସବମିଟ କରିବା ପାଇଁ । ରାତିରେ ଭଲକି ଶୋଇପାରୁନି ବିଚରା । ସେଇଥିପାଇଁ ଆଖି ଲାଗି ଯାଇଥିବ ।

ମୁଁ ଏମିତି ସିରିଅସ ହୋଇ ବସିଥିବାର ଦେଖି ଟିକୁ କହିଲେ, "ମିକି ପାଇଁ ଚିନ୍ତା କରୁଛନ୍ତି କି ? ଚିନ୍ତା କରନ୍ତୁନି । ସିଏ ଷ୍ଟେସନରେ ଥିବ । ଆପଣଙ୍କର ନିଦ ଭାଙ୍ଗିବା ପାଇଁ ମୁଁ ଆପଣଙ୍କୁ ଟିକେ ଡରେଇଦେଲି । ଦେଖିଲେ ତ କେମିତି ଭାଙ୍ଗିଗଲା ନିଦ ଆପଣଙ୍କର । ଏମିତି ଯେତେଦିନ ଦ୍ୱିପ୍ରହରରେ ଆପଣ ଶୋଇବେ, ଆପଣଙ୍କର ଜେଟଲ୍ୟାଗ ଯିବନି। କାରଣ ଇଣ୍ଡିଆ ଟାଇମ ଅନୁସାରେ ଆପଣଙ୍କର ବଡିକ୍ଲକ କାମ କରୁଛି। ସେଥିରେ ବ୍ରେକ ଦରକାର । ଦେଖିବେ, ଆଜି ଆପଣଙ୍କୁ ଭଲ ନିଦ ହେବ ରାତିରେ।"



ଆମେ ଷ୍ଟେସନରେ ପହଞ୍ଚି ଯାଇଥିଲୁ । ମିକି ବାହାରେ ଛିଡା ହେଇଥିଲା । ସିଏ ଆସି ଗାଡିରେ ବସିଲା ପରେ ଆମେ ବାହାରିଲୁ । ରାସ୍ତାରେ ମିକି କହିବା ଆରମ୍ଭ କଲା, "ଏଇ ପାଖରେ ଏଡିସନରେ ଗୋଟେ ସୁନ୍ଦର ସାଇବାବା ମନ୍ଦିର ଅଛି । ଆମେ ଥରେ ଆସିଥିଲୁ ଏଠିକି । ମୁଁ ତୁମକୁ କହିଥିଲି ନା ଫୋନରେ ! ଏତେ ବାଟ ଆସିଛେ ଯଦି ଚାଲ ଦର୍ଶନ କରିଆସିବା ।"

ଟିକୁଙ୍କର ଗାଡି ଗଡିଲା ଏଡିସନ ଦିଗରେ। ଏଡିସନର ଇସେଲିନ, ମନମାଉଥ ଜଙ୍କସନ ନିକଟରେ ଅଛି ଏହି ମନ୍ଦିର । ଗାଡିରେ ୨୩-୨୫ ମିନିଟ ଲାଗିବ । ଗାଡି ଅଟକିଲା । ମୁଁ ଗାଡିରୁ ଓହ୍ଲେଇପଡି ଚାରିଆଡେ ଚାହିଁଲି । କାହିଁ, କେଉଁଠି ମନ୍ଦିର ? କେଉଁଠି ହେଲେ ମନ୍ଦିର ପରି କିଛି ଦେଖା ଯାଉ ନଥିଲା ।

ମିକି ଓ ଟିକୁ ଗାଡିରୁ ଓହ୍ଲେଇ ଗୋଟେ ଏକମହଲା କୋଠା ଦିଗରେ ଆଗେଇଲେ । ମୁଁ ତାଙ୍କ ପଛେ ପଛେ ଚାଲିଲି । ଏକ ଲାଲି ରଙ୍ଗର ବଡ ଦରଜା ଖୋଲି ଆମେ ଭିତରକୁ ଗଲୁ । ଏକ ଅଣଓସାରିଆ କରିଡୋର ପାରି କଲା ପରେ ଆମେ ପହଂଚିଲୁ ଏକ ଭବ୍ୟ ହଲରେ । ହଲର ଶେଷ ମୁଣ୍ଡକୁ ଥିଲା ସାଇବାବାଙ୍କର ଆସ୍ଥାନ । ଆସ୍ଥାନ ଉପରେ ସ୍ଥାପିତ ହୋଇଥିଲା ସାଇବାବାଙ୍କର ଆବକ୍ଷ ପ୍ରତିମୂର୍ତ୍ତି । ଅବିକଳ ଶିରିଡି ଠାରେ ଥିବା ସାଇବାବାଙ୍କର ପ୍ରତିମୂର୍ତ୍ତି ପରି । ମନ୍ଦିର ଭିତରେ ଧୂପ ଆରତୀ ବା ସନ୍ଧ୍ୟା ଆରତୀ ଚାଲିଥିଲା । ଆମେ ସେଥିରେ ସାମିଲ ହେଲୁ। ଆରତୀ ପରେ ସମସ୍ତେ ପ୍ରସାଦମ ପାଇଲୁ । ତାପରେ ଝିଅ ସାଙ୍ଗରେ ଆଣିଥିବା ଗୋଟେ ହଳଦିଆ ରଙ୍ଗର ଜରି କାମ ହୋଇଥିବା ଚଦର ବାବାଙ୍କ ଉପରେ ଚଢେଇଲା ।

ବିଦେଶରେ ଏମିତି ଏକ ହିନ୍ଦୁ ମନ୍ଦିର ଦେଖିବା ମୋ ପାଇଁ ପ୍ରଥମ ।ଏଠାକାର ମନ୍ଦିର କିନ୍ତୁ ଆମ ମନ୍ଦିର ପରି ନୁହେଁ । ସେଇଥିପାଇଁ ମୁଁ ପ୍ରଥମେ ମନ୍ଦିର ଖୋଜି ଆଶ୍ଚର୍ଯ୍ୟ ହୋଇଥିଲି। ଆମର ମନ୍ଦିର ସବୁ ଖୋଲାମେଲା ସ୍ଥାନରେ ଥାଏ । ଆମ ଦେଶର ମନ୍ଦିର ସବୁ ଗୋଲାକାର କିମ୍ବା ବର୍ଗାକାର ଭୂମି ଉପରେ ସ୍ଥାପିତ ଗମ୍ବୁଜାକାର କିମ୍ବା ବିମାନ ପରି ଷ୍ଟ୍ରକଚରର ହୋଇଥାଏ । ମନ୍ଦିରର ଗର୍ଭଗୃହ ଉପରେ ଦଣ୍ଡାୟମାନ ହୋଇଥାଏ ମନ୍ଦିର ଚୂଡା ବା ଶିଖର । ଭାରତୀୟ ମନ୍ଦିରକୁ ଆକାର ଅନୁସାରେ ଦୁଇ ଭାଗରେ ବିଭକ୍ତ କରା ଯାଇପାରେ ନାଗର ଶୈଳୀ ଓ ଦ୍ରାବିଡ ଶୈଳୀ । କିନ୍ତୁ ଏହି ସାଇବାବା ମନ୍ଦିର ଆମ ଦେଶର ମନ୍ଦିର ପରି ନ ଥିଲା । ବାହାରୁ ଦେଖିଲେ ଏହା ଏକ ସାଧାରଣ କୋଠା ପରି ଲାଗୁଥିଲା । ବୋଧହୁଏ ଏଠାରେ ବର୍ଷକ ଛଅ ମାସରୁ ଅଧିକ ଶୀତ ରହୁଥିବାରୁ ଖୋଲାମେଲାରେ ମନ୍ଦିର ସ୍ଥାପନ କରିବା ଅସମ୍ଭବ । ତେଣୁକରି ହୁଏତ ଏହି ବ୍ୟବସ୍ଥା ।

ଏହି ମନ୍ଦିର ସାଇବାବା କଲଚରାଲ ଏଣ୍ଡ କମ୍ୟୁନିଟି ସେଣ୍ଟର ନାମରେ ପରିଚିତ । ଏହା ୨୦୦୮ ମସିହାରେ ସ୍ଥାପିତ ହୋଇଥିବା ନ୍ୟୁଜର୍ଶୀର ପ୍ରଥମ ହିନ୍ଦୁ ମନ୍ଦିର । ବର୍ଷ ସାରା ଏହି ମନ୍ଦିର ଦର୍ଶନ କରିବା ପାଇଁ ସମଗ୍ର ଆମେରିକାରୁ ଲକ୍ଷାଧିକ ଭକ୍ତ ଆସିଥାନ୍ତି ଏଠାକୁ । ଏହି ମନ୍ଦିରକୁ ଆମେରିକାର ଶିରିଡି ବୋଲି ମଧ୍ୟ କୁହାଯାଏ । ତାର ଆଉ ଏକ କାରଣ ହେଲା ଏହି ମନ୍ଦିରରେ ଭାରତର ଶିରିଡି ଠାରେ ଯେଉଁ ରୀତିନୀତି ଯେପରିକି ଆରତୀ, ଭଜନ, ପୂଜାଅର୍ଚ୍ଚନା କରାଯାଏ ସେଇ ସବୁ ରୀତିନୀତି ଏଠାରେ ମଧ୍ୟ ପାଳନ କରାଯାଏ । ତେଣୁ ଏବେ ଏହା ଏଠାକାର ହିନ୍ଦୁମାନଙ୍କ ପାଇଁ ଏକ ତୀର୍ଥସ୍ଥଳୀ ପାଲଟି ଯାଇଛି ।

ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଏହି ମନ୍ଦିରକୁ ପ୍ରବେଶ ପାଇଁ କୌଣସି ବାଛବିଚାର ନାହିଁ । ଅନେକ ଅଣହିନ୍ଦୁ ମଧ୍ୟ ମନ୍ଦିର ଭିତରେ ଥିଲେ ଓ ଆରତୀରେ ଭାଗ ନେଉଥିଲେ । ପରେ ମନ୍ଦିର ପୂଜକଙ୍କ ସହିତ କଥା ହେଇ ଜାଣିଲି ଯେ , ଏହି ମନ୍ଦିର ସମସ୍ତଙ୍କ ପାଇଁ ଖୋଲା । ହିନ୍ଦୁ, ଅଣହିନ୍ଦୁ ବାଛବିଚାର ଏହି ମନ୍ଦିରରେ ନାହିଁ । କିନ୍ତୁ ସମସ୍ତେ ମନ୍ଦିରର ନିୟମକାନୁନ ମାନିବାକୁ ବାଧ୍ୟ । ଆଉ ସମସ୍ତଙ୍କୁ ମନ୍ଦିର ଭିତରର ଶାନ୍ତସୌମ୍ୟ ବାତାବରଣକୁ ବଜାୟ ରଖିବା ପାଇଁ ନିର୍ଦ୍ଧାରିତ ଗାଇଡଲାଇନ ଅନୁସାରେ ଚାଲିବାକୁ ହୁଏ । ଏହି ମନ୍ଦିର ଟ୍ରଷ୍ଟ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ଯେମିତିକି , ଅନ୍ନଦାନମ, ଆଖପାଖର ବାସହୀନଙ୍କ ପାଇଁ ଆବାସର ବନ୍ଦୋବସ୍ତ କରିବା, ରକ୍ତଦାନ ଶିବିରର ଆୟୋଜନ କରିବା, ବାଲ-ବିକାଶ କାର୍ଯ୍ୟକ୍ରମ ପରି ବିଭିନ୍ନ କାର୍ଯ୍ୟକର୍ମର ଆୟୋଜନ ମଧ୍ୟ କରିଥାଏ ।

ଦରବାର ହଲରେ ସାଇବାବାଙ୍କର ଦର୍ଶନ ସାରି ଆମେ ପାଖରେ ଥିବା ମନ୍ଦିର ହଲକୁ ଗଲୁ । ସେଠାରେ ସାଇବାବାଙ୍କର ଜୀବନୀ ଓ ତାଙ୍କର ନୀତିଶିକ୍ଷାକୁ ନେଇ ବଡ ବଡ ତୈଳଚିତ୍ର ପ୍ରଦର୍ଶିତ ହେଉଥିଲା। ସେହି ହଲର ଗୋଟିଏ କୋଣରେ ବିକ୍ରି ହେଉଥିଲା ଛୋଟ ଛୋଟ ପ୍ଲାଷ୍ଟିକ ଗାମଲାରେ ଥିବା ତୁଳସୀ ଗଛର ଚାରା । ସେଇଥିରୁ ଗୋଟିଏ ନେଇ ଆମେ ବାହାରକୁ ଆସିଲୁ । ଆମର ଗାଡି ଏବେ ଦୌଡୁଥିଲା ରୁଟ ୨୮୭ ନର୍ଥ ଦିଗରେ । ରାଜରାସ୍ତା ଉପରେ ଘେନେଇ ଆସିଥିଲା ଅନ୍ଧକାର । ଅନ୍ଧକାରକୁ ପ୍ରତିହତ କରିବା ପାଇଁ ଜଳି ଉଠିଥିଲା ଷ୍ଟ୍ରିଟ ଲାଇଟ । କାରର ପଛ ସିଟରେ ଧୀରେ ଆଉଜି ପଡିଲି ମୁଁ । ବ୍ରୁମଫିଲ୍ଡ ପହଂଚିବାକୁ ବାକିଥିଲା ଆହୁରି ତିରିଶ ମିନିଟ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଶ୍ଳୀଳ, ଅଶ୍ଳୀଳ ମନୋରଞ୍ଜନର ପ୍ରେକ୍ଷାପଟ୍ଟରେ...



ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି
(ହାରିତସ୍)

କିଶୋର ଓ ଯୁବକମାନେ ପଥଭ୍ରଷ୍ଟ ତ'ହେବେ ନିଶ୍ଚୟ । କିଛିବର୍ଷ ପୂର୍ବେ ସିନେମା ଓ ନାଟକ ମାନଙ୍କରେ ନାରୀ ଭୂମିକାରେ ଭାଗ ନେବା ପାଇଁ ନାରୀ ଜାତି ଆଗକୁ ଆସୁ ନଥିଲେ । ସେଇଥି ପାଇଁ ପୁରୁଷମାନଙ୍କୁ ସ୍ତ୍ରୀ ବେଶରେ ସଜ୍ଜିତ କରାଇ ନାଟକ ଅଭିନୟ କରାଯାଉଥିଲା। ଏବେ ଅବଶ୍ୟ ଆମ ସମାଜ ବେଶ୍ ଶିକ୍ଷାଦୀକ୍ଷାରେ ଆଗକୁ ବଢ଼ିଛି । ନାରୀମାନେ ବହୁସଂଖ୍ୟାରେ ନାରୀ ଭୂମିକାରେ ଭାଗ ନେଉଛନ୍ତି । ତା'ବୋଲି ହଜାର ହଜାର ଦର୍ଶକଙ୍କ ସାମ୍ନାରେ କେତୋଟି ଅର୍ଥ ଉପାର୍ଜନର ଅଶାରେ ନିଜକୁ କୁଣ୍ଠିତ ବେଶପୋଷାକରେ ସଜାଇ ସମସ୍ତ ସାମାଜିକ ନିଷିଦ୍ଧତାକୁ ଆଡ଼େଇ ଅକୁଣ୍ଠ କାମ ପ୍ରଲୁବ୍ଧ ଅଙ୍ଗ ପ୍ରଦର୍ଶନ କରିବ ? ଏଥିରେ ଦର୍ଶକଙ୍କ ମନୋରଞ୍ଜନ ତ' ହେବ ନାହିଁ ପ୍ରକାରାନ୍ତେ ଯୌବନ ଜୁଆରରେ ପଥହୁଡ଼ି ନିଶାସକ୍ତ ହୋଇ ପଡ଼ି ନିଜର ଓ ସମାଜର ସଂସ୍କୃତିର ଘୋର କ୍ଷତି ଘଟାଇ ଚାଲିବେ । ଧର୍ଷଣ, ହିଂସା, ଭ୍ରଷ୍ଟାଚାର ରୂପୀ ସମସ୍ତ ଦୁର୍ନୀତିକୁ ଆମନ୍ତ୍ରିବା ହିଁ ସାର ହେବ । ଆଗ କାଳରେ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକରେ ନାୟକ ନାୟିକା ମାନେ ପରସ୍ପରକୁ ଆଲିଙ୍ଗନ କରିବା ଦୃଶ୍ୟ ମଧ୍ୟ ପ୍ରଦର୍ଶିତ ହେଉ ନଥିଲା । ହିଂସାକାଣ୍ଡର ବୀଭତ୍ସ ଦୃଶ୍ୟକୁ ଉହ୍ୟ ରଖା ଯାଉଥିଲା ଏବଂ ଏଭଳି ଭାବରେ କଳା ପ୍ରଦର୍ଶନ କରାଯାଉଥିଲା ଯେ, ଦର୍ଶକମାନେ ଭାବ ବିମୋହିତ ହୋଇ ଅଭିନୀତ କାର୍ଯ୍ୟକ୍ରମରେ ତାଳ ଦେଇ ହସ କାନ୍ଦରେ ମଜ୍ଜି ଯାଉଥିଲେ ଆଉ ଅଭିନୀତ ଦୃଶ୍ୟାବଳୀ ସାରାଂଶ ନେଇ ନିଜ ଜୀବନକୁ ଆଦର୍ଶରେ ଅନୁପ୍ରାଣୀତ କରି ପାରୁଥିଲେ । ଏହା ଥିଲା ପ୍ରକୃତ ପକ୍ଷେ ମନୋରଞ୍ଜନ କାହିଁକି ଜୀବନ ରଞ୍ଜନ । ଏବେ କି ଅପସଂସ୍କୃତିର ଅଭିନୟ ଚାଲିଛି କେଜାଣି ଜୀବନର ଧାରା ଅପସଂସ୍କୃତିର ଧାରାରେ ଭାଙ୍ଗି ପଡୁଛି । ହତ୍ୟା, ହିଂସା, ଦ୍ୱେଷ, ପରଶ୍ରୀକାତରତା, ଧର୍ଷଣ, ପରଧନ, ପର ସ୍ତ୍ରୀ ହରଣ ଆଦି ଦୁର୍ଭାବନାରେ ମଣିଷର ମନ ରଞ୍ଜିତ ହେବ କଅଣ ନିଜ ଜୀବନ ଓ ନିଜ ପରିବାର, ପିଲାଛୁଆଙ୍କ ଜୀବନକୁ ଭାଙ୍ଗି ଦେଉଛି । ଏ' ସବୁଥି ପାଇଁ ଦାୟୀ ହେଉଛି ଆଜିକାଲିର ମନୋରଞ୍ଜନ ଧର୍ମୀ ଶସ୍ତା ଅଭିନୟ ଓ ପାଶ୍ଚାତ୍ୟ ଢାଞ୍ଚାରେ ପ୍ରସାରିତ ଟେଲିଭିଜନ କାର୍ଯ୍ୟକ୍ରମ । ଆମେରିକାର ଜଣେ ସାମାଜିକ ମନସ୍ତତ୍ତ୍ୱବିତ୍ ଜର୍ଜ ଗର୍ବେନରଙ୍କ ଦ୍ୱାରା ଏକ ସର୍ବେକ୍ଷଣରୁ ଜଣା ଯାଇଛି ଯେ, ଜଣେ ଆମେରିକୀୟ ଶିଶୁ ବିଦ୍ୟାଳୟକୁ ଯିବା ପୂର୍ବରୁ ପ୍ରାୟ ୬୫୦୦ ଘଣ୍ଟାର ଟେଲିଭିଜନ କାର୍ଯ୍ୟକ୍ରମ ଦେଖି ସାରିଥାଏ । ଏହି କାର୍ଯ୍ୟକ୍ରମରୁ ଅଧିକାଂଶ ଭାବ ହିଂସ୍ର ଓ ଯୌନ ପ୍ରବଣତାର ଦୃଶ୍ୟ ତା'ଶିଶୁ ମନକୁ ଆଚ୍ଛାଦିତ କରିଥାଏ, ଯାହା ଭବିଷ୍ୟତରେ ଏକ ନକାରାତ୍ମକ ବ୍ୟକ୍ତିତ୍ୱ ସୃଷ୍ଟିକାରୀ ପରସ୍ପର ପ୍ରତି ବିଶ୍ୱାସଶୂନ୍ୟ ସ୍ୱଭାବରେ ହିଂସ୍ର, ଉଗ୍ର ଓ ଯୌନ ଭାବାପର୍ଣ୍ଣ ହେବା ସହ ଏକ ଶୃଙ୍ଖଳିତ ସମାଜ ବ୍ୟବସ୍ଥାରୁ ବାହାରକୁ ଚାଲିଯାଏ । ଅନ୍ୟ ଏକ ସର୍ବେକ୍ଷଣ କରାଯାଇଥିଲା ଇଂଲଣ୍ଡର ରୟାଲ ସ୍କୁଲ ଅଫ ସାଇକିଆଟ୍ରିକ୍ସର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଣ୍ଡ୍ରିଉ ସିମ୍‌ସଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ସମୟ କାଳ ମଧ୍ୟରେ ବ୍ରିଟେନ୍‌ରେ ଘଟିଥିବା ୪୦୦ଟି ହତ୍ୟା, ୬୧୯ଟି ଆକ୍ରମଣ ଏବଂ ୩୦୦ଟି ଧର୍ଷଣ ଘଟଣା ଟେଲିଭିଜନରେ ପ୍ରଦର୍ଶିତ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇଥିବା ଜଣା ଯାଇଥିଲା । ସେଭଳି ଆମ ଭାରତରେ ଅନେକ ଶିଶୁ, ପ୍ରାଜ୍ଞମାନଙ୍କ ଅପରାଧବୋଧର ଅନୁଶୀଳନ କହେ ସେହି ଅପରାଧୀମାନେ ସିନେମା ଓ ଟେଲିଭିଜନର ପ୍ରଦର୍ଶିତ ବ୍ୟଭିଚାର କୌଶଳରୁ ପ୍ରଭାବିତ ହୋଇ ଅପରାଧ କରିଛନ୍ତି । ଏଭଳି ଅପ ସଂସ୍କୃତି ମୂଳକ ନାଟ୍ୟାଭିନୟ, ସିନେମା ଓ ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ବିରୋଧ କରି ୨୫ଟି ଦେଶ ମିଳିତ ଭାବେ ଆନ୍ତର୍ଜାତିକ ସଙ୍ଗଠନ ପ୍ରସ୍ତୁତ କରି ଏହି ମନୋରଞ୍ଜନ ପ୍ରଣାଳୀର ନିରାକରଣ ପାଇଁ ଚେଷ୍ଟା କରୁଛନ୍ତି। ଏମାନଙ୍କ ଦ୍ୱାରା ସଂଘଟିତ ୭୦୦ଟି ଅପରାଧର ସର୍ବେକ୍ଷଣ କହେ ଯେ, ୧୮ ବର୍ଷ ବୟସ୍କ ହେବା ବେଳକୁ ଟେଲିଭିଜନ ପରଦାରେ ଶିଶୁଟି ଦୁଇ ଲକ୍ଷ ପର୍ଯ୍ୟନ୍ତ ହିଂସାକାଣ୍ଡ ଦେଖି ସାରିଥାଏ, ଯାହାକି ତାଙ୍କ ଭବିଷ୍ୟତ ଜୀବନରେ ହିଂସ୍ର, କାମୁକତା ଓ ନିଷ୍ଠୁରତା ଭରି ଦେଇଥାଏ। ନଟିଂ ହୋମର ମନସ୍ତତ୍ତ୍ୱବିତମାନଙ୍କର ଦୂରଦର୍ଶନର ପ୍ରଭାବ କି ଶିଶୁ କି ବୟସ୍କମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବରେ ପଡ଼ିଥାଏ ବୋଲି ସର୍ବେକ୍ଷଣରୁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ସିନେମା, ଟେଲିଭିଜନ୍‌ରେ ଅଶ୍ଳୀଳତା ଓ ହିଂସ୍ର ପ୍ରଦର୍ଶନର କୁପ୍ରଭାବ ବିଶେଷ କରି ବିକଶିତ ଦେଶ ତଥା ଆମେରିକା, ଇଂଲଣ୍ଡ, ଜର୍ମାନୀ ଭଳି ଦେଶମାନଙ୍କରେ ଅଧିକ ପ୍ରଭାବ ପଡୁଥିଲା ବେଳେ ବିକାଶଶୀଳ ଦେଶଗୁଡ଼ିକ କମ୍ ପ୍ରଭାବିତ କିନ୍ତୁ ଜଗତୀକରଣ ପ୍ରକ୍ରିୟାରେ ବିକଶିତ ଦେଶମାନଙ୍କର ବଜାର ସାମଗ୍ରୀ ତଥା ସମସ୍ତ ପଣ୍ୟଦ୍ରବ୍ୟ ଅନ୍ୟ ଦେଶ ସମୂହ ଚାରଣ ଭୂଇଁ ସାଜିଥିବା ବେଳେ ଦୂରଦର୍ଶନ ଅପସଂସ୍କୃତିର ପ୍ରଭାବରୁ ଦୂରେଇ ରହିବା ସମ୍ଭବ ଲାଗୁନି । ପାଶ୍ଚାତ୍ୟ ସମୃଦ୍ଧ ରାଷ୍ଟ୍ରମାନେ ମଧ୍ୟ ଏହି ମନୋରଞ୍ଜନ ଧର୍ମୀ ସିନେମା, ଦୂରଦର୍ଶନର କୁପ୍ରଭାବ ସମ୍ପର୍କରେ ଜାଣି ନାହାଁନ୍ତି ତା'ନୁହଁ ଆମେରିକା ଭଳି ଧନଶାଳୀ ରାଷ୍ଟ୍ରର ନାଗରିକମାନେ ମଧ୍ୟ ସଂଘବଦ୍ଧ ଭାବରେ 'ଦି ଆମେରିକାନ୍ ସାଇକୋଲଜି ଆସୋସିଏସନ୍' ଜରିଆରେ ମାର୍ଜିତ ହିଂସା ରହିତ କାର୍ଯ୍ୟକ୍ରମ ପ୍ରସାରଣ କରିବା ପାଇଁ ସରକାରଙ୍କୁ ସ୍ମାରକପତ୍ର ଦେଇଛନ୍ତି । ଏଥିରେ ମୁଖ୍ୟତଃ କୁହାଯାଇଛି ଯେ, ଦୂରଦର୍ଶନରେ ହିଂସା, ଯୌନ ଉଦ୍ଦୀପକ କାର୍ଯ୍ୟକ୍ରମ ଶିଶୁ ଓ ବୟସ୍କଙ୍କୁ ଅପରାଧ ଆଡ଼କୁ ଆକର୍ଷିତ କରିଥାଏ।

**ଆଗ କାଳରେ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକରେ ନାୟକ ନାୟିକା ମାନେ ପରସ୍ପରକୁ ଆଲିଙ୍ଗନ କରିବା ଦୃଶ୍ୟ ମଧ୍ୟ ପ୍ରଦର୍ଶିତ ହେଉ ନଥିଲା । ହିଂସାକାଣ୍ଡର ବୀଭତ୍ସ ଦୃଶ୍ୟକୁ ଉହ୍ୟ ରଖା ଯାଉଥିଲା ଏବଂ ଏଭଳି ଭାବରେ କଳା ପ୍ରଦର୍ଶନ କରାଯାଉଥିଲା ଯେ, ଦର୍ଶକମାନେ ଭାବ ବିମୋହିତ ହୋଇ ଅଭିନୀତ କାର୍ଯ୍ୟକ୍ରମରେ ତାଳ ଦେଇ ହସ କାନ୍ଦରେ ମଜ୍ଜି ଯାଉଥିଲେ ଆଉ ଅଭିନୀତ ଦୃଶ୍ୟାବଳୀ ସାରାଂଶ ନେଇ ନିଜ ଜୀବନକୁ ଆଦର୍ଶରେ ଅନୁପ୍ରାଣୀତ କରି ପାରୁଥିଲେ ।**

ଦୂରଦର୍ଶନର କାର୍ଯ୍ୟକ୍ରମ ପ୍ରଦର୍ଶନ ଦର୍ଶକମାନଙ୍କୁ ସେମାନଙ୍କ ଆଦର୍ଶ ଜୀବନପଥରୁ ଓ ମାନସିକ ସ୍ତରରେ ବିଚ୍ୟୁତ କରିଥାଏ । ଏହା ବ୍ୟତୀତ ଦର୍ଶକମାନଙ୍କର ସମୟ ସବୁକୁ ଶୋଷି ନେଇଥାଏ, ତାରି ଫଳରେ ସେମାନଙ୍କ ସାମାଜିକ ଜୀବନ ଚଳଣି ପ୍ରଭାବିତ ହୋଇଯାଏ । ସମାଜ ସହ ସମ୍ପର୍କ କ୍ଷୁର୍ଣ୍ଣ, ବନ୍ଧୁହୀନ, ପରସ୍ପର ମଧ୍ୟରେ ଥିବା ବନ୍ଧୁତା ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରିଦିଏ । ଘରେ ମହିଳାମାନେ ପରିବାରର ସୁଖ ଦୁଃଖରେ ଅଧିକା ଭାଗୀ ନହୋଇ ଦୂରଦର୍ଶନରେ ପ୍ରସାରିତ ସିରିଏଲ, ସିନେମା ଦେଖିବାକୁ ଅଗ୍ରାଧିକାର ଦିଅନ୍ତି । ଏହା ଫଳରେ ଗୃହିଣୀ ଭାବରେ ପିଲାଛୁଆ ପରିବାରର ସଦସ୍ୟମାନଙ୍କ ଭଲମନ୍ଦରେ ଭାଗୀ ନହୋଇ ସେମାନଙ୍କର ସ୍ୱଚ୍ଛ ଭାବନାର ଅମୂଲ୍ୟ ସିଦ୍ଧାନ୍ତ ସମସ୍ୟା ସମାଧାନ ପାଇଁ ଉପଯୁକ୍ତ ମତ ଦୂରଦର୍ଶନରେ ପ୍ରସାରିତ ମନୋରଞ୍ଜନ ଧର୍ମୀ ଚରିତ୍ରମାନଙ୍କର ବେଶ, ପୋଷାକ, ଗୃହୋପକରଣ, ବସ୍ତ୍ର ଅଳଙ୍କାର, କୋଠାବାଡ଼ି ସବୁଥିରେ ଆକର୍ଷିତ ହୋଇ ସେ ଭଳିଆ ବାସ୍ତବ ଜୀବନ ନିର୍ବାହ ପାଇଁ ଚେଷ୍ଟା କରନ୍ତି, ଯାହା ସେମାନଙ୍କୁ ବିଷମୟ ପରିଣତି ଆଣିଦିଏ । ସ୍ୱାମୀ, ସ୍ତ୍ରୀ, ପିଲାଛୁଆ, ବାପମାଆ, ଶାଶୁଶ୍ୱଶୁରଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରି ହିଂସା, ଛାଡ଼ପତ୍ର, ଆତ୍ମହତ୍ୟା, ଏକା ଚଳିବା ଭଳି ମାନସିକ ଦ୍ୱେଷ ଆଣିଦିଏ ଓ ପରିବାରର କର୍ତ୍ତା ଓ ଅନ୍ୟାନ୍ୟଂକୁ ଅଶାନ୍ତ, ଦୁର୍ନୀତିରେ ଭରିଦିଏ । ସୁଖ ସ୍ୱପ୍ନ ଦେଖିବାକୁ ସମସ୍ତଙ୍କୁ ଭଲ ଲାଗେ । ସ୍ୱପ୍ନ କଳ୍ପନା, ଅନ୍ୟର ଜୀବନର ଚଳଣିକୁ ଦୂରଦର୍ଶନ ବା ସିନେମା କାହାଣୀରେ ଦେଖି, ବାସ୍ତବରେ ସେସବୁକୁ ଉପଭୋଗ କରିବାକୁ ଚାହିଁଲେ, ଦୁଃଖ ତ ନିଶ୍ଚୟ ଆସିବ ଆଉ ଏଥିରେ ମନୋରଞ୍ଜନ ହେବ କୁଆଡୁ ? ବହୁ ସମୟରେ ମନୁଷ୍ୟ ତା'ର ଗତାନୁଗତିକ ଜୀବନ ନିର୍ବାହ କଲା ବେଳେ ବହୁ ଘଟଣା ଦୁର୍ଘଟଣାର ଶୀକାର ହେବା ସହ ବେଳେବେଳେ ବହୁ ଦୁଃସହ ଦୁଃଖ କଷ୍ଟରେ ନିଜ ମନ ଭାରାକ୍ରାନ୍ତ ହୋଇ ପଡ଼ିଥାଏ । ସେହି ନକାରାତ୍ମକ ସ୍ଥିତିରୁ ନିଜକୁ ଦୂରେଇ ରଖିବାରେ ଅବା ନିଜ ମନର ଭାରାକ୍ରାନ୍ତ ସ୍ଥିତିକୁ କିଛି ସମୟ ପାଇଁ ଉଶ୍ୱାସ କରିବା ପାଇଁ ବିଶେଷ ଭାବରେ ମନୋରଞ୍ଜନ ନିହାତି ଭାବରେ ଆବଶ୍ୟକ ହୋଇ ପଡ଼େ । ମନୋରଞ୍ଜନର ଅନେକ ମାଧ୍ୟମ ଓ ତା' ଦ୍ୱାରା ଅନେକ ଉପକାର ମଧ୍ୟ ସାଧନ ହୋଇଥାଏ । ତନ୍ମଧ୍ୟରେ ଅଛି ବିଷାଦଗ୍ରସ୍ତ ତଥା ଭାରାକ୍ରାନ୍ତ ମନକୁ ହାଲକା କରିବା, ସର୍ଜନଶୀଳ କରାଇବା ସହ ସୃଜନ ଶକ୍ତିର ବୃଦ୍ଧି ଘଟାଇବା, ସାମାଜିକ ସମ୍ପର୍କ ଓ ସ୍ୱଚ୍ଛ ଶାଳୀନତା ଆଡ଼କୁ ବନ୍ଧୁ ବିଶେଷଙ୍କୁ ଆକର୍ଷିତ କରାଇବା ଆଦି । କେତେକ ଗବେଷକ କହିଛନ୍ତି ଯେ, ପ୍ରକୃତ ମନୋରଞ୍ଜନ କେବଳ ମାନସିକ ବିଷାଦ ଦୂର କରିଥାଏ ବୋଲି ନାହିଁ, ଏହା ମଧ୍ୟ ଶରୀରଚର୍ଯ୍ୟାକୁ ସୁସ୍ଥ ରଖିବାର ଏକ ମାଧ୍ୟମ । ମନୋରଞ୍ଜନ ଜୀବନ ପାଇଁ ମନ, ଶରୀରର ସୁସ୍ଥତା ପ୍ରଦାନ କରିବା ସହ ସାମାଜିକ ଓ ବ୍ୟକ୍ତି କୈନ୍ଦ୍ରିକ ସମ୍ପର୍କ ଓ ସହନଶୀଳତାର ବୃଦ୍ଧି ଘଟାଏ। ଏମିତିକି ଶରୀରର ଅସ୍ଥି, ମାଂସପେଶୀ ଓ ମସ୍ତିଷ୍କ ମଜ୍ଜାକୁ ସୁଦୃଢ଼ ସୃଜନ କରିବାରେ ଢେର ସହାୟକ ହୋଇଥାଏ । କେତେକ ଭାଷା ବିଜ୍ଞାନୀ ଆମ ଭାରତୀୟ ସଂସ୍କୃତିର ଭାଷା, ସାହିତ୍ୟ, ଢଗଢ଼ମାଳି ତଥା ସଂସ୍କୃତର ଗୀତା, ଉପନିଷଦ ଆଦିର ଉଚ୍ଚାରଣ, ଭଜନ କୀର୍ତ୍ତନ, ଜଣାଣ, ସଙ୍ଗୀତ ମଧ୍ୟ ଏକ ଶ୍ରେଷ୍ଠଶୀଳ ମନୋରଞ୍ଜନର ମାଧ୍ୟମ ଭାବରେ ଗ୍ରହଣ କରି ନେବାକୁ ପରାମର୍ଶ ଦେଇ ଥାଆନ୍ତି । ଯାହା ବୈଜ୍ଞାନିକ ଗବେଷଣା ସିଦ୍ଧ ଓ ବହୁ ଲାଭପ୍ରଦ ମଧ୍ୟ । ଅଶ୍ଳୀଳତା ଆଧାରିତ ମନୋରଞ୍ଜନ ସାମୟିକ ଭାବେ କିଛି କ୍ଷଣ ପାଇଁ ମନକୁ ଉଚ୍ଚାଟିତ କରି ଦେଇପାରେ ସତ କିନ୍ତୁ ମଣିଷଙ୍କୁ ପଥଭ୍ରଷ୍ଟ କରି ପକାଏ । ତେଣୁ ଏହାକୁ ତ୍ୟାଗ କରିବା ଉଚିତ ।

ଆଉ ଏକ କଥା ମନକୁ ଆସେ, ଯାହା ଆମ ମନୁଷ୍ୟ କାହିଁକି ସମସ୍ତ ଜୀବସମ୍ପଦ ତଥା ସମାଜ ପାଇଁ ହିତକର ହୋଇଥାଏ ଓ ଅବସାଦଗ୍ରସ୍ତ ପରିବେଶକୁ ନିର୍ମୂଳ କରି ଏକ ସୌଖ୍ୟ, ଶାନ୍ତ, ନିରାମୟ ବାତାବରଣ ଆଣିବାରେ ସହାୟକ ହୋଇଥାଏ । ମନୋରଞ୍ଜନ ଅବଶ୍ୟ ମନ ଦୁଃଖ ଯାତନାଗ୍ରସ୍ତ ହୋଇ ପଡ଼ିଲେ ବହୁ ସମୟରେ ଦୁଃସହ ବେଦନାକ୍ରାନ୍ତ ମନୁଷ୍ୟ ଜଣକୁ ନିଜକୁ ସମ୍ଭାଳି ନ ପାରି ଆତ୍ମହତ୍ୟା କରି ଥାଆନ୍ତି। ଆଶା ନିରାଶାର ମରୁବାଲି ମଧ୍ୟରେ ଛଟପଟ ହେଉଥିବା ମଣିଷ ଜଣକ ତାକୁ ସୁଖ ଅନୁଭୂତ ହେଉଥିବା ମନୋରଞ୍ଜନର ଏକ ସୁଶୀତଳ ସାନ୍ତ୍ୱନାଦାୟକ ମାଧ୍ୟମଟିକୁ ଆପଣେଇ ନେଇ ପାରିଲେ ମଣିଷ ମନରେ ଶକ୍ତି ଓ ବଞ୍ଚିବାର ଆଶା ଦ୍ୱିଗୁଣିତ ହୋଇଥାଏ ଓ ନେପୋଲିୟନ ବୋନାପାର୍ଟଙ୍କ ଭଳି ଭବିଷ୍ୟତରେ ଏକ ରାଜାରାଜାଧୀଶ ଜୀବନ ଯାତ୍ରାର ଆରମ୍ଭ ବି କରି ପାରନ୍ତି । କିଏ କହିବ, ଭବିଷ୍ୟତ ଜୀବନ ପ୍ରବାହର କଥା । ଆଜି ଯିଏ ଝଡ଼ଝଞ୍ଜାର ଘାତ ପ୍ରତିଘାତ ଖାଇ ଖାଇ ମର୍ମାହତ, କାଲିକୁ ହୁଏତ ସେ ପ୍ରେମ, ସ୍ନେହ ସମ୍ପଦ ନିର୍ଝରର ଏକ ସୁଶୀତଳ ନିର୍ମଳ ଭାବରାଶିର ଉଲ୍ଲାସ ପ୍ରବାହିତ ଶ୍ରେଷ୍ଠ ସାହିତ୍ୟିକ ହୋଇପାରେ କି ପ୍ରଶାସକ ନ ହେବ ବୋଲି । ସଫଳ ଓ ସୁବ୍ୟବସ୍ଥିତ ମନୋରଞ୍ଜନ ଜୀବନରେ ଆତ୍ମପ୍ରତ୍ୟୟ, ଆତ୍ମବିଶ୍ୱାସ ଜନ୍ମାଇ ଏକ ସହନଶୀଳ, ସର୍ବଗୁଣ ଚିନ୍ତାନାୟକଙ୍କୁ ଜନ୍ମ ଦେବନି ବୋଲି । ପ୍ରକୃତରେ ନିଶାଗ୍ରସ୍ତ ମନକୁ ଶ୍ଳୀଳତା ଆଡ଼କୁ ମାର୍ଗଦର୍ଶକ ସାଜୁଥିବା ମନୋରଞ୍ଜନର ମାଧ୍ୟମ ହେଉଛି ଶ୍ରେଷ୍ଠ ଓ ଅମୃତମୟ, ଏଥିରେ ସନ୍ଦେହ ନାହିଁ ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ଦିଡ଼ି, ଗଞ୍ଜାମ
ମୋ: ୯୩୩୭୯୬୦୬୮୮

## ଦୃଷ୍ଟିକୋଣ-୯

# ପାରିବାରିକ ଏକତାର ବିଲୟ ଭାରତୀୟ ସଂସ୍କୃତିର ଅବକ୍ଷୟ



♥ ଡ. କାଳୀପଦ ପଣ୍ଡା

ଆମଦେଶ ଭାରତବର୍ଷର ବିଶେଷତ୍ୱ ହେଉଛି ଏକାନ୍ନବର୍ତ୍ତୀ ପରିବାର। ଅର୍ଥାତ୍ ସଂଯୁକ୍ତ ବହୁ କୁଟୁମ୍ବୀ ପରିବାର। ହଜାର ହଜାର ବର୍ଷଧରି ଗୋଟିଏ ବଂଶର ପିଢ଼ି ପରେ ପିଢ଼ି ଗଡ଼ିଆସି ପାରିବାରିକ ସୌଧ ନିର୍ମାଣ ହୋଇ ଆସିଥାଏ। ଯେଉଁଥିରୁ କି ଆମର ବଂଶ ପରିଚୟ, କୁଳକୁଟୁମ୍ବର ପରିଚିତି ପ୍ରଲମ୍ବିତ। ଆମର ଭୂ-ସମ୍ପତ୍ତି ମଧ୍ୟ ସେହିଭଳି ଭାବେ ପୁରୁଷାନିକ୍ରମିକ ଭୋଗଦଖଲ ପ୍ରକ୍ରିୟାରେ ଆଇନସିଦ୍ଧ ହୋଇ ଆସିଥାଏ। ସମଗ୍ର ବିଶ୍ୱକୁ ପାରିବାରିକ ସମ୍ପର୍କର ମଧୁରତା କେବଳ ନୁହେଁ, ଦାୟବଦ୍ଧତା, କର୍ତ୍ତବ୍ୟର ପରାକାଷ୍ଠା ପ୍ରଦର୍ଶନ କରି ଉତ୍ତରଦାୟିତ୍ୱ କିଭଳି ନିର୍ବାହ କରିବାକୁ ପଡ଼େ ତାହା ଆମେ ଦର୍ଶାଇ ଚାଲିଆସିଛୁ। ପୁତ୍ର ପୁତ୍ରାଦି କ୍ରମରେ ଆମର କୁଳମର୍ଯ୍ୟାଦା ମଜବୁତ ହୋଇ ସମାଜ ଜୀବନରେ ପରାକାଷ୍ଠା ପ୍ରଦର୍ଶିତ କରାଇଥାଉ। ଜ୍ଞାତି କୁଟୁମ୍ବ, ବନ୍ଧୁବାନ୍ଧବ, ସାହିପଡ଼ିଶା, ଆତ୍ମୀୟସ୍ୱଜନ, ଏହିଭଳି କେତେ କ'ଣ ଆମ ସମ୍ପର୍କର ଏକ ସୂକ୍ଷ୍ମ ମଧୁରତର ସ୍ଥିତିରେ ପାରସ୍ପରିକ ବନ୍ଧନର ରଜ୍ଜୁ ସଶକ୍ତ ହୋଇଥାଏ।

ଜଣକର ଆନନ୍ଦକୁ ଯେଭଳି ସମସ୍ତେ ବାଣ୍ଟି ନିଅନ୍ତି, ସେଭଳି ଦୁଃଖ ଦୁର୍ଦ୍ଦଶାକୁ ମଧ୍ୟ ସମପରିମାଣରେ ଅନୁଭବ କରି ସମବେଦନା କେବଳ ଜଣାନ୍ତି ନାହିଁ ବରଂ ସେହି ସମୟରେ ପ୍ରତ୍ୟକ୍ଷ ସାହାଯ୍ୟ ସହଯୋଗର ହାତ ବଢ଼ାଇଥାନ୍ତି। ପରିବାରର ଗଠବନ୍ଧନ ହିଁ ଏଇ ଆର୍ଯ୍ୟାବର୍ତ୍ତ ଭାରତ ଭୂମିର ସଂସ୍କୃତିର ମୂଳଉତ୍ସ। ଏହାର ବିଲୟ ଭାରତୀୟ ଅସ୍ମିତା ଉପରେ ଗୋଟାଏ ବିରାଟ ପ୍ରଶ୍ନଚିହ୍ନ ସୃଷ୍ଟି କରିବାର ସମ୍ଭାବନାକୁ ଆଜି ଆମ ଦେଶର ଉଚ୍ଚତମ ନ୍ୟାୟାଳୟ ହୃଦବୋଧ କରି ଗଭୀର ଚିନ୍ତାପ୍ରକଟ କରିଛନ୍ତି। ନିକଟରେ ଉଚ୍ଚତମ ନ୍ୟାୟାଳୟର ଏକ ଖଣ୍ଡପୀଠର ମାନ୍ୟବର ବିଚାରପତି ଦ୍ୱୟ ଯେଉଁ ମତପୋଷଣ କରିଛନ୍ତି ତାହା ସମସ୍ତ ଭାରତବାସୀଙ୍କ ପାଇଁ ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ସହ ଆତ୍ମସମୀକ୍ଷା କରିବାକୁ ପ୍ରଚ୍ଛନ୍ନ ପ୍ରେରଣା ଯୋଗାଇଛି।

> ବନ୍ଧନର ସ୍ୱର୍ଶ ଅମୃତର ବାରିଧାରା ଜୀବନର ବନ୍ଧନକୁ ସବୁବେଳେ ମଜବୁତ କରିଥାଏ। ଆମେ ସବୁ ଯେଉଁ ବନ୍ଧନ ଭିତରେ ଜୀବନକୁ ଆନନ୍ଦମୟ କରୁ, ସେଥିରେ ଥାଏ ପାରିବାରିକ ବନ୍ଧନ, ସାମାଜିକ ବନ୍ଧନ, ସାଂସ୍କୃତିକ ବନ୍ଧନ। ସଂହତିର ବନ୍ଧନରେ ବିଶ୍ୱ ମାନବରେ ଆମେ କରୁ ସହାବସ୍ଥାନ। ଏଥିରେ ପୁଣି ଥାଏ ସମର୍ପଣ ଭାବ।

ମାର୍ଚ୍ଚ ୨୬, ୨୦୨୫ ରିଖରେ ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ପଙ୍କଜ ମିଥାଲ ଓ ବିଚାରପତି ଏସ୍‌ଭିଏନ୍ ଭଟ୍ଟି ଏକ ରାୟରେ ପରିବାର ଅନୁଷ୍ଠାନର 'ଅବକ୍ଷୟ'କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି, ଯାହା ଏକ ବ୍ୟାପକ ସାମାଜିକ ଚିନ୍ତାକୁ ପ୍ରତିଫଳନ କରୁଛି। ବିଚାରପତି ଦ୍ୱୟଙ୍କ ମତରେ– "ଭାରତ ଦୀର୍ଘଦିନ ଧରି 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ 'ବିଶ୍ୱ ଏକ ପରିବାର' ଧାରଣାକୁ ବଜାୟ ରଖିଥିବାବେଳେ ଦେଶ ଏବେ 'ଅଣୁ ପରବାର' ମଧ୍ୟରେ ବି ଏକତା ବଜାୟ ରଖିବାରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଭାରତରେ ଆମେ ବସୁଧୈବ କୁଟୁମ୍ବକରେ ବିଶ୍ୱାସ କରୁ। ଅର୍ଥାତ୍ ସମଗ୍ର ପୃଥିବୀ ଗୋଟିଏ ପରିବାର। ତଥାପି ଆଜି ଆମେ ନିଜ ପରିବାରରେ ଏକତା ବଜାୟ ରଖିବାରେ ସକ୍ଷମ ହୋଇନାହୁଁ, ବିଶ୍ୱକୁ ଗୋଟିଏ ପରିବାର ଭାବେ ଗଢ଼ିତୋଳିବା ପାଇଁ କ'ଣ କହିବୁ" ବୋଲି ଖଣ୍ଡପୀଠ କହିଛନ୍ତି। ପରିବାରର ଧାରଣା ଦୁର୍ବଳ ହେବାରେ ଲାଗିଛି। 'ଏକ ବ୍ୟକ୍ତି, ଏକ ପରିବାର' ମଡେଲର ଆବିର୍ଭାବ ଘଟୁଛି। ଯାହା ଏକାଠି ରହିବା ଓ ପରସ୍ପରକୁ ସମର୍ଥନ କରିବାର ପାରମ୍ପାରିକ ମୂଲ୍ୟବୋଧ ଠାରୁ ଦୂରେଇ ଯିବାଭଳି ଚିନ୍ତାଜନକ ପରିବର୍ତ୍ତନକୁ ସୂଚାଇ ଥାଏ।

୨୦୨୩ ମସିହାରେ ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ଦେଶ ବିଶ୍ୱ ମଞ୍ଚରେ ବସୁଧୈବ କୁଟୁମ୍ବକମ୍ ବିଷୟବସ୍ତୁକୁ ପ୍ରୋତ୍ସାହିତ କରିଥିଲା। ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଓ ସାଂସ୍କୃତିକ ବିବିଧତା ମଧ୍ୟରେ ସମୃଦ୍ଧ ଦେଶ ଭାବରେ ପୃଥିବୀ ଏକ ବଡ଼ ପରିବାର ବୋଲି ବିଶ୍ୱାସ କରୁଥିବା ଦର୍ଶନ, ଭାରତୀୟ ସମାଜର ଏକ କେନ୍ଦ୍ରୀୟ ସ୍ତମ୍ଭ ହୋଇଛି। ଏତିକିବେଳେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ ଗଭୀର ଚିନ୍ତାର କାରଣ ପାଲଟିଛି। ବର୍ଷ ବର୍ଷ ଧରି ଅତ୍ୟାଚାର ଓ ସମ୍ପତ୍ତି ବିବାଦକୁ ନେଇ ଜଣେ ମହିଳା ନିଜ ବଡ଼ପୁଅକୁ ବାହାର କରିବାକୁ ଆବେଦନ କରିଥିଲେ। ଏଭଳି ଘଟଣା ବୃଦ୍ଧି ପାଉଥିବା ଯୋଗୁଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏତିକିବେଳେ ଆମ ସମସ୍ତଙ୍କ ପାଇଁ ମାନସମନ୍ଥନ କରି ଆମର ଏକ ସୁଦୃଢ଼ ପାରିବାରିକ ସ୍ତମ୍ଭକୁ କିଭଳି ଅକ୍ଷୁର୍ଣ୍ଣ ରଖିବା ସେଦିଗରେ ଯତ୍ନଶୀଳ ହେବାର ଆବଶ୍ୟକତା ଅନୁଭବ ହେଲାଣି। ଆମ ସମାଜର ମୂଳପିଣ୍ଡ 'ପରିବାର'। ସେହି ପରିବାରର ପ୍ରତିଟି ସଦସ୍ୟଙ୍କ ମଧ୍ୟରେ ଥିବା ଯେଉଁ ମଧୁର ସମ୍ପର୍କ ତାହା ସବୁ ସମୟରେ ବିଶ୍ୱାସ ଉପରେ ପର୍ଯ୍ୟବେଶିତ। ସେଥିରେ ଥାଏ ସମର୍ପଣ। ବନ୍ଧନର ସ୍ୱର୍ଶ ଅମୃତର ବାରିଧାରା ଜୀବନର ବନ୍ଧନକୁ ସବୁବେଳେ ମଜବୁତ କରିଥାଏ। ଆମେ ସବୁ ଯେଉଁ ବନ୍ଧନ ଭିତରେ ଜୀବନକୁ ଆନନ୍ଦମୟ କରୁ, ସେଥିରେ ଥାଏ ପାରିବାରିକ ବନ୍ଧନ, ସାମାଜିକ ବନ୍ଧନ, ସାଂସ୍କୃତିକ ବନ୍ଧନ। ସଂହତିର ବନ୍ଧନରେ ବିଶ୍ୱ ମାନବରେ ଆମେ କରୁ ସହାବସ୍ଥାନ। ଏଥିରେ ପୁଣି ଥାଏ ସମର୍ପଣ ଭାବ। ପାରସ୍ପରିକ ଆସ୍ଥା ଓ ବିଶ୍ୱାସର ଚାରା ରୋପଣ ହୋଇଥାଏ। ଜୀବନର ଅନ୍ୟ ନାମ ହିଁ ବନ୍ଧନ ବା ବନ୍ଧନ ହିଁ ଜୀବନ। ବନ୍ଧନ ହିଁ ଶାନ୍ତି ଓ ସୁସୁପ୍ତି। ବନ୍ଧନ ଦିଏ କର୍ମପ୍ରବଣତାର ମାଦକତା। ଦାୟିତ୍ୱ, କର୍ତ୍ତବ୍ୟର କରାଏ ଅୟମାରମ୍ଭ। ସଭିଏଁ ଏହି ବନ୍ଧନରେ ବନ୍ଧା ହୋଇଥାନ୍ତି। ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, କକା-ପୁତୁରା, କକା-ଝିଆରୀ ଏବଂ ପିଉସା ପିଉସୀ, କକା-ଖୁଡ଼ୀ, ଏମିତି ଅନେକ ଆତ୍ମୀୟସ୍ୱଜନର ବନ୍ଧନର ଡୋରିରେ ଆମେ ସବୁ ବନ୍ଧାହୋଇ ସାରା ଜୀବନ ଗୋଟିଏ ବୃହତ୍ତର ସମାଜ ଜୀବନରେ ଜୀବନକୁ ରସାଣିତ କରୁଥାଉ।

ଜଗତୀକରଣ ଯାହା ଗ୍ଲୋବାଲାଇଜେସନ୍ କ୍ରମରେ ଆଜି ଭାରତୀୟ ଜୀବନଧାରା ପାଶ୍ଚାତ୍ୟାଭିମୁଖୀ। ଖାଦ୍ୟପେୟ, ଚାଲିଚଳଣ, ପୋଷାକ ପରିଚ୍ଛେଦ, ସାଂସ୍କୃତିକ ଜୀବନଧାରା ସବୁଥିରେ ଘୋର ଅବକ୍ଷୟର ଛାପ ପରିଲକ୍ଷିତ ହୋଇଛି। ବିଶେଷ ଭାବେ ଆଇଟି ଯୁଗରେ ଅର୍ଥାତ୍ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରାବଲ୍ୟରେ ଆମର ପଶ୍ଚିମାଭିମୁଖୀ ମାନସିକତା ତୀବ୍ରତର ହେବାରୁ ଆମ ଭିତରେ ସମ୍ବେଦନା ରହୁନାହିଁ। ଆତ୍ମୀୟତାର ଯେଉଁ ଦୃଢ଼ ବନ୍ଧନ ପାରିବାରିକ କ୍ଷେତ୍ରରେ ସହସ୍ର ବର୍ଷଧରି ଭାରତ ଭୂମିରେ ବିରାଜମାନ କରିଆସୁଛି, ତାହା ଆଜି ସଂକଟର ଦ୍ୱାରଦେଶରେ। ସଂଯୁକ୍ତ ପରିବାରର ବିଲୟ, ଅଣୁ ପରିବାରର ଉତ୍‌ଥାନ ଭାରତୀୟ ସାଂସ୍କୃତିକ ପ୍ରାଣସତ୍ତାକୁ ଦୋହଲାଇଦେବାର ସ୍ଥିତି ଆଜି ଉପନୀତ। ଏ ବେଳରେ ଆମ ସଭିଙ୍କୁ ଯେଭଳି ଭାରତର ସଂଯୁକ୍ତ ପରିବାର ଚିର ଅକ୍ଷୁର୍ଣ୍ଣ ରହେ ସେ ଦିଗରେ ସବୁମତେ ଉଦ୍ୟମ କରିବାକୁ ପଡ଼ିବ। ନଚେତ୍ ଆମେ ନିକଟ ଭବିଷ୍ୟତରେ ଆମ ସ୍ୱାତନ୍ତ୍ର୍ୟକୁ ହରାଇ ବସିବୁ। "ଏକ ବ୍ୟକ୍ତି, ଏକ ପରିବାର" ଏଇ ଯେଉଁ ଚିନ୍ତାଧାରା ଭାରତୀୟ ଲୋକଙ୍କର ମନରେ ପ୍ରବେଶ କରିବାକୁ ବସିଛି ତାହାକୁ ପ୍ରତିହତ କରିବା ପାଇଁ ଆମ ସଭିଙ୍କୁ ଯଥେଷ୍ଟ ଉଦ୍ୟମ କରିବାର ସମୟ ଉପନୀତ ହୋଇଛି।


♥ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ) ୯୪୩୭୦୮୯୨୪୧


## ।। ଚିନ୍ତନ ।।

# ନଶ୍ୱର ଶରୀର ଓ ଆତ୍ମଜ୍ଞାନ ପ୍ରାପ୍ତି

ଡ. ଅମୂଲ୍ୟ କୁମାର ପଣ୍ଡା

ପ୍ରବଚନ, ତୀବ୍ର ବୁଦ୍ଧି ଅଥବା ଶାସ୍ତ୍ରଜ୍ଞାନ ଦ୍ୱାରା ଆତ୍ମଜ୍ଞାନ ପ୍ରାପ୍ତ ହୁଏ ନାହିଁ । ଯାହାକୁ ତାହା ସ୍ୱୟଂ ପ୍ରାପ୍ତ ହୁଏ ତା ସମ୍ମୁଖରେ ଏହା ନିଜ ସ୍ୱରୂପକୁ ପ୍ରକଟ କରେ । ଜାତି, ବର୍ଣ୍ଣ, ଧର୍ମ ସମ୍ପ୍ରଦାୟ ଓ ଦେଶ ନିର୍ବିଶେଷରେ ବିଶ୍ୱର ସମସ୍ତ ମନୁଷ୍ୟ ଆଜି ଅଶାନ୍ତ ଓ ଦଃଖୀ ଅଟନ୍ତି। ସମସ୍ତେ ସୁଖ ଓ ଶାନ୍ତିର ଅନ୍ୱେଷଣରେ ବ୍ୟସ୍ତ। ସେମାନେ ସାଂସାରିକ ଭୌତିକ ପଦାର୍ଥ ସମୂହକୁ ସୁଖର ସାଧନ ଭାବି ତନ୍ମଧ୍ୟରେ ସୁଖ-ଶାନ୍ତି ଖୋଜି ନିରାଶ ହେଉଛନ୍ତି । କାରଣ ଭୌତିକ ପଦାର୍ଥ ଗୁଡିକରେ ସୁଖ-ଶାନ୍ତି ନଥାଏ। ତେଣୁ ସେଗୁଡିକରୁ ତାହା ପ୍ରାପ୍ତି ହେବ କିପରି ? ମନୁଷ୍ୟ ଏକଥା ଜାଣେ ନାହିଁ ଯେ ଯାହା ସେ ବାହାରେ ଖୋଜୁଛି ତାହା ତା' ମଧ୍ୟରେ ହିଁ ବିଦ୍ୟମାନ ଅଛି । ଏ ବିଷୟରେ ଯେତେବେଳେ ମନୁଷ୍ୟର ଜ୍ଞାନୋଦୟ ହୁଏ ସେତେବେଳେ ସେ ସର୍ବଦା ନିଜ ମଧ୍ୟରେ ହିଁ ସୁଖ, ଶାନ୍ତି ଓ ଆନନ୍ଦ ଅନୁଭବ କରେ । ଆତ୍ମଜ୍ଞାନର ଅଭିପ୍ରାୟ ହେଉଛି ନିଜକୁ ବା ସ୍ୱୟଂ ଜାଣ ଯେ ମୁଁ କିଏ ? କେଉଁଠୁ ଆସିଛି ? ମୋତେ କେଉଁଠିକି ଯିବାକୁ ହେବ ଓ ଏଠାକୁ କେଉଁ ଉଦ୍ଦେଶ୍ୟରେ ଆସିଛି ? ମୋର ଜୀବନର ଲକ୍ଷ୍ୟ କ'ଣ ? ମୋର ଗୁଣ କ'ଣ ତଥା ମୋର ବାସ୍ତବିକ ସ୍ୱରୂପ ଓ କର୍ତ୍ତବ୍ୟ କ'ଣ ? ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ପରିଚୟ ଦେବାକୁ କୁହାଯାଏ ସେତେବେଳେ ସେ ନିଜ ନାମ, ଧର୍ମ, ଜାତି ଭାଷା ଓ ଦେଶ ସମ୍ବନ୍ଧରେ ପରିଚୟ ଦିଅନ୍ତି । ଏସବୁ ପରିଚୟ ନଶ୍ୱର ଶରୀର ସହିତ ସମ୍ବନ୍ଧିତ ହୋଇଥିବାରୁ ଏହା ବାସ୍ତବିକ ନୁହେଁ । ଶରୀର ଜଡ ଅଟେ । ଏହାର କହିବା ଶକ୍ତି ନାହିଁ । ମୋର ଶରୀର କହୁଥିବା 'ମୁଁ' ସତ୍ତାଟି ଆତ୍ମା ନାମରେ କଥିତ । ଆତ୍ମା ହିଁ ଆଖି ଦ୍ୱାରା ଦେଖେ, କାନ ଦ୍ୱାରା ଶୁଣେ ଓ ମୁଖ ଦ୍ୱାରା କଥା କହେ । ଆତ୍ମା ଏକ ଏପରି ଚୈତନ୍ୟ ସତ୍ତା ଯାହା ଦ୍ୱାରା ଜ୍ଞାନେନ୍ଦ୍ରିୟ ସମୂହ ବିଷୟ ଗ୍ରହଣ କରନ୍ତି ତଥା କର୍ମେନ୍ଦ୍ରିୟ ସମୂହ ତଦନୁସାରେ କର୍ମ କରନ୍ତି ।

ଆମେ ଜାଣିଛେ ଶରୀର ଆତ୍ମାର ରଥ ଅଟେ। ବୁଦ୍ଧି ତା'ର ସାରଥୀ, ମନ ଲଗାମ ଏବଂ ଇନ୍ଦ୍ରିୟ ସମୂହ ସେହି ରଥର ଘୋଡା ଅଟନ୍ତି । ଅନ୍ୟ ଅର୍ଥରେ ଏହି ଶରୀର କେବଳ ସାଧନ ମାତ୍ର । ସୁଖ- ଦୁଃଖ ଅନୁଭବ କରୁଥିବା ସ୍ୱାଦଟି ହେଉଛି 'ଆତ୍ମା' । ମନ, ବୁଦ୍ଧି ଓ ସଂସ୍କାର ହେଉଛି ଆତ୍ମାର ତିନୋଟି ଶକ୍ତି । ଏହି ଶକ୍ତି ତ୍ରୟ ମାଧ୍ୟମରେ ଆତ୍ମା ନିଜକୁ ଅଭିବ୍ୟକ୍ତ କରେ । ଆତ୍ମାର ସଂକଳ୍ପ-ବିକଳ୍ପ ଶକ୍ତିକୁ 'ମନ', ନିର୍ଣ୍ଣୟ ଶକ୍ତିକୁ 'ବୁଦ୍ଧି' ଓ ତଦନୁସାରେ କୃତ କର୍ମର ଫଳକୁ 'ସଂସ୍କାର' ବୋଲି କୁହାଯାଏ । ଆତ୍ମା ମନ ଦ୍ୱାରା ଚିନ୍ତନ-ମନନ କରେ, ବୁଦ୍ଧି ଦ୍ୱାରା ନିର୍ଣ୍ଣୟ ନିଏ ତଥା ଜ୍ଞାନେନ୍ଦ୍ରିୟ ଓ ତଦନୁସାରେ କର୍ମ ନିର୍ଣ୍ଣୟ ଗୁଡିକ ଦ୍ୱାରା ପ୍ରବୃତ୍ତି ହୋଇ ଶୁଭାଶୁଭ ଫଳ ପ୍ରାପ୍ତ କରିଥାଏ । ଏହି ମନ, ବୁଦ୍ଧି ଓ ସଂସ୍କାର ଦ୍ୱାରା ଆତ୍ମାର ଚୈତନ୍ୟତା ସିଦ୍ଧ ହୁଏ । ଏହି ଆତ୍ମାକୁ ଶରୀର ରୂପକ ପୁରରେ ରହିବା ହେତୁ 'ପୁରୁଷ' କୁହାଯାଏ । ସେହି 'ପୁରୁଷ' ନିଜକୁ 'ମୁଁ' ବୋଲି ଅଭିବ୍ୟକ୍ତ କରିବା ପୂର୍ବକ ମୋର ଶରୀର, ମୋର ଆଖି, କାନ, ନାକ, ହାତ ଆଦି କହିଥାଏ । ଏଣୁ ଚୈତନ୍ୟ ଆତ୍ମା ଶରୀରର ଆଧାର ଗ୍ରହଣ କରି ଜ୍ଞାନେନ୍ଦ୍ରିୟ ଗୁଡିକ ଦ୍ୱାରା ଜ୍ଞାନ ଅର୍ଜନ ଓ କର୍ମଇନ୍ଦ୍ରିୟ ଗୁଡିକ ଦ୍ୱାରା କର୍ମ କରାଏ । ଶରୀରକୁ ନଶ୍ୱର ତଥା ଆତ୍ମାକୁ ଅନଶ୍ୱର, ଅମର ଓ ଅବିନାଶୀ କୁହାଯାଏ ।

ଶରୀର ମଧ୍ୟରେ ବିରାଜମାନ ଜ୍ୟୋତି ର୍ବିନ୍ଦୁ ରୂପୀ ଆତ୍ମା ହିଁ ମନ ଓ ବୁଦ୍ଧି ଦ୍ୱାରା ଇନ୍ଦ୍ରିୟ ଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପୂର୍ବକ କର୍ମାନୁସାରେ ସୁଖ-ଦୁଃଖର ଅନୁଭବ କରେ, ଜଡ ଶରୀର ନୁହେଁ । ଜ୍ଞାନ, ପବିତ୍ରତା, ସୁଖ, ଆନନ୍ଦ, ଶାନ୍ତି, ପ୍ରେମ ଓ ଶକ୍ତି ।ଏହି ସାତଟି ଗୁଣ ହେଉଛି ଆତ୍ମାର ସ୍ୱଧର୍ମ ବା ମୌଳିକ ସ୍ୱଭାବ । ପ୍ରତ୍ୟେକ ଆତ୍ମାର ସ୍ୱଭାବ ହେଉଛି ଯେ ସେ ଶାନ୍ତି, ପ୍ରେମ, ସୁଖ, ଆନନ୍ଦ, ଜ୍ଞାନ, ପବିତ୍ରତା ଓ ଶକ୍ତି ପ୍ରତି ଆକୃଷ୍ଟ ହୋଇଥାଏ। ଦୁଃଖ, ଅଶାନ୍ତି ଓ ଅଜ୍ଞାନତାରେ ଭ୍ରମିତ ହେବା କାରଣରୁ ସେ ପୁନଃ ନିଜର ସ୍ୱଧର୍ମରେ ସ୍ଥିତ ହେବାକୁ ଇଚ୍ଛାକରେ । ଏହି କାରଣରୁ ସାଂସାରିକ ସ୍ଥୁଳ ଭୌତିକ ପଦାର୍ଥ ସମୂହରେ ତାକୁ ପ୍ରକୃତ ସୁଖ,



ଶାନ୍ତି, ଓ ସନ୍ତୋଷ ଅନୁଭବ ହୁଏ ନାହିଁ । କାରଣ ଏହି ସବୁ ଗୁଣ ତ ତା' ନିଜର ଭିତରେ ଥାଏ, ବାହାରେ ନୁହେଁ । ଯେଉଁ ବସ୍ତୁର ଧର୍ମ ଓ ସ୍ୱଭାବ ଯେପରି ଥାଏ ତାହା ପୁନଃ ସେହି ସ୍ଥିତିରେ ସ୍ଥିତ ହେଲେ ଯାଇ ନିଜ ସ୍ୱରୂପ ପ୍ରାପ୍ତ ହୋଇଥାଏ । ଯେପରି ଜଳର ଧର୍ମ ଶୀତଳତା । ତାକୁ ଉତ୍ତାପ ପ୍ରୟୋଗ କରି ଯଦିଓ ଗରମ କରିଦିଆଯାଏ କିନ୍ତୁ କିଛି ସମୟ ପରେ ତାହା ପୁନଃ ନିଜ ଶୀତଳ ସ୍ୱରୂପକୁ ଆସିଯାଏ । ଏହିପରି ବିକାର ସମୂହ ଦ୍ୱାରା ଅଶାନ୍ତ, ଦୁଃଖୀ ଏହି ଆତ୍ମା ମଧ୍ୟ ପୁନଃ ନିଜ ସ୍ୱରୂପକୁ ଆସିଲା ପରେ ଶାନ୍ତ, ସୁଖୀ ଓ ଆନନ୍ଦମୟୀ ସ୍ଥିତିରେ ପହଁଚି ଯାଏ ।


♥ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦


## ପରମ୍ପରା

# ଶ୍ରୀମନ୍ଦିରରେ ଶ୍ରୀରାମନବମୀ

ଭୋଳାନାଥ ସାହୁ



ଶ୍ରୀମନ୍ଦିରର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ। ତାଙ୍କୁ ନେଇ ଶ୍ରୀମନ୍ଦିରରେ ବାର ମାସରେ ବାର ଗୋଟି ମୁଖ୍ୟ ପର୍ବ/ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହା ସହିତ ବିଭିନ୍ନ ସମୟରେ ବହୁ ଉପଯାତ୍ରା ଓ ପର୍ବପର୍ବାଣୀ ପାଳନ କରାଯାଏ । ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁଯାୟୀ ଏହି ପର୍ବପର୍ବାଣୀ ଓ ଉପଯାତ୍ରା ବିଭିନ୍ନ ଗଜପତି ମହାରାଜାଙ୍କ ସମୟରେ ବୃଦ୍ଧି ପାଇ ୪୭ଟିରେ ପଦାର୍ପଣ କରିଛି । ସେଥିମଧ୍ୟରେ ଶ୍ରୀରାମନବମୀ ଅନ୍ୟତମ । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ନେଇ ଅନୁଷ୍ଠିତ ପର୍ବପର୍ବାଣୀ ମୁଖ୍ୟ ହେଉ ବା ଗୌଣ ହେଉ ସମସ୍ତ ପର୍ବପର୍ବାଣୀ ମୁକ୍ତି ପ୍ରଦାୟକ । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାନିଯାତ୍ରା ବା ପର୍ବପର୍ବାଣୀ ଦିନ ମାନଙ୍କରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଅଶେଷ କୃପା ମିଳିଥାଏ ଏଥିରେ ସନ୍ଦେହର ଅବକାଶ ନାହିଁ।

ଶ୍ରୀମନ୍ଦିରରେ ଶ୍ରୀରାମନବମୀ ଉତ୍ସବ ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଅନୁଷ୍ଠିତ ହୁଏ । ଏହା ତ୍ରେତୟା ଯୁଗର ଅବତାରୀ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମଜୟନ୍ତୀ । ଶ୍ରୀରାମନବମୀ ଯାତ୍ରା ଶ୍ରୀମନ୍ଦିରରେ ଏଗାର ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହା ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ବୈଶାଖ ମାସ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥିରେ ପରିସମାପ୍ତି ହୁଏ । ଅଶୋକାଷ୍ଟମୀ ତିଥିରେ ଶ୍ରୀରାମଙ୍କ ଜନ୍ମ ନୀତିର ପୂର୍ବ ପ୍ରସ୍ତୁତି ଅର୍ଥାତ୍ ଗର୍ଭକଷ୍ଟ ଜନିତ ଲୀଳା ସମ୍ପାଦିତ ହୁଏ । ଶ୍ରୀରାମନବମୀ ଉତ୍ସବ ପାଳନ ନିମନ୍ତେ ଶ୍ରୀମନ୍ଦିରର ଲେଙ୍କା ସେବକ ମାନଙ୍କ ଦ୍ୱାରା ସାତସାହିର ମହାନାୟକ ମାନଙ୍କ ନିକଟକୁ ରେଖାସୁନ୍ଦରୀ (ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି କନାଖଣ୍ଡ) ପଠାଯାଏ । ଏହାକୁ ମଧ୍ୟ ମହାପ୍ରଭୁଙ୍କ ଆଜ୍ଞାମାଳ ବୋଲି ବିବେଚନା କରାଯାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି ଏଗାରଦିନ ବ୍ୟାପୀ ଶ୍ରୀରାମନବମୀ ପାଳନର ନୀତି ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରିଅଛି । ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମଲୀଳା ଏକ ଅଂଶ ଭାବରେ ଗୃହୀତ ।

ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗର୍ଭକଷ୍ଟ ନିବାରଣ ନିମନ୍ତେ ଜେଉଡ଼ଭୋଗର ବ୍ୟବସ୍ଥା କରାଯାଏ । ଲୋକଚଳଣୀ ଅନୁଯାୟୀ ଗର୍ଭବତୀ ନାରୀର ଅରୁଚି ଦୂର କରିବା ପାଇଁ ରୂଚିକର ପଥ୍ୟ ପ୍ରଦାନ କରାଯାଏ । ସେଦିନର ପଂଚଉପଚାର ପୂଜାଶେଷରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିଠାକୁରଙ୍କ ବନ୍ଦାପନା ଶେଷ କରି ଆଉଥରେ ଅଧିକ ବନ୍ଦାପନା କରନ୍ତି । ଯେଉଁ ବନ୍ଦାପନାକୁ 'ଗର୍ଭଉଦକ ବନ୍ଦାପନା' କହନ୍ତି । ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମନବମୀ ଉତ୍ସବ ପାଳନ କରାଯାଏ । ଉକ୍ତଦିନ ଠାକୁରଙ୍କ ଭୋଗ ପାଇଁ ଅନ୍ନପ୍ରସାଦ ଜୟ ବିଜୟ ଦ୍ୱାର ଦେଇ ନଆସି ମୁଦୁଲି ଦ୍ୱାର ଓ ବେହରଣ ଦ୍ୱାର ଦେଇ ଅଣାଯାଏ । ଭୋଗମଣ୍ଡପରେ ସୁଧସୁଆର ସେବକ ପୋଛମାରିବାପରେ ପୂଜାପଣ୍ଡାଙ୍କ ଦ୍ୱାରା ପଂଚମୁରୁଜରେ ଜନ୍ମ କୁଣ୍ଡଳୀ ପ୍ରସ୍ତୁତ କରାଯାଏ । ମଧ୍ୟାହ୍ନଧୂପ ଶେଷ ହେବା ପରେ ଶ୍ରୀରାମଚନ୍ଦ୍ରଙ୍କର ବିଗ୍ରହକୁ ରତ୍ନସିଂହାସନ ଉପରକୁ ବିଜେ କରାଯାଏ । ପୂଜାପଣ୍ଡା ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ ନିମନ୍ତେ ରାବଣ ଓ ଅନ୍ୟାନ୍ୟ ଅସୁରଙ୍କୁ ମାରିଥିବା ଶ୍ରୀରାମଚନ୍ଦ୍ରଙ୍କ ପ୍ରତୀମାକୁ ଆଜ୍ଞାମାଳ ପ୍ରଦାନ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିବଦେନ କରନ୍ତି । ଯାହା ନିଳାଦ୍ରୀ ମହୋଦୟର ପଂଚତ୍ରୀଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି –

'ଆଜ୍ଞାପୟ ମହାବାହୋ
ରାମଜନ୍ମୋ ସ୍ତବାୟ ବୈ,
ରାମପ୍ରତିକୃତିଂ ତାବଦ୍ରାବଣାନିବିନାଶିନାଂ ।'

ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପ୍ରାପ୍ତି ପରେ ଶ୍ରୀରାମଙ୍କ ପ୍ରତୀମାକୁ ରତ୍ନସିଂହାସନରୁ ଅଣାଯାଇ ମଣ୍ଡଳ ଉପରେ ବିଜେ କରାଯାଏ। ଦୁଇଜଣ ସେବକ ଦଶରଥ ଓ କୌଶଲ୍ୟାରୂପରେ ଖଣ୍ଡୁଆପାଟ ଘୋଡ଼ାଇହୋଇ ଜନ୍ମବିଧି ପାଳନ କରନ୍ତି। ଦଶରଥ ଭୂମିକାରେ ଅବତୀର୍ଣ୍ଣ ସେବକର ମୁଣ୍ଡରେ ଧଳାରଙ୍ଗର ରେଖସୁନ୍ଦରୀ ଓ କୌଶଲ୍ୟାଙ୍କ ମୁଣ୍ଡରେ କଳା ଓ ନାଲି ରଙ୍ଗର ରେଖସୁନ୍ଦରୀ ବନ୍ଧାଯାଏ । ଏହାକୁ ଜଗନ୍ନାଥଙ୍କର ଆଜ୍ଞାମାଳ ଭାବରେ ଗ୍ରହଣ କରାଯାଏ। ଏହାପରେ କର୍ପୁରଆଳତୀ ଓ ବନ୍ଦାପନା ଶେଷ କରାଯାଇ କ୍ଷୀରମଣୋହୀ (ଜନ୍ମନୈବେଦ୍ୟ) ହୁଏ । ପୂଜାପଣ୍ଡା ଜନ୍ମବିଧି ବଢ଼ାଇ ପଇତାଲାଗି ଓ ଶୀତଳଭୋଗ କରନ୍ତି । ଜୟବିଜୟଦ୍ୱାର ନିକଟରେ ଚରୁଅନ୍ନମଣୋହୀ ଶେଷ ହେବା ପରେ ଶ୍ରୀରାମଚନ୍ଦ୍ର ଦକ୍ଷିଣି ଘରକୁ ବିଜେ କରନ୍ତି । ଏହାପରେ ନବମୀ ବିଧି ଶେଷ ହୁଏ ।

ଚୈତ୍ର ମାସ ଶୁକ୍ଳ ଦଶମୀ ତିଥିରେ ସନ୍ଧ୍ୟା ଧୂପ ଶେଷ ହେବା ପରେ ମହାଜନ ସେବକ ରାମ, ଲକ୍ଷ୍ମଣଙ୍କୁ ରତ୍ନ ସିଂହାସନରେ ବିଜେ କରାନ୍ତି । ମହାପ୍ରଭୁଙ୍କ ଆଜ୍ଞା ମାଳ ପାଇବା ପରେ ପାଲିଙ୍କିରେ ବିଜେ କରାଇ ଘଂଟ, ଘଂଟା, ଛତା, କାହାଳୀ ସହ ବିମାନବଡୁ ମାନେ ଜଗନ୍ନାଥ ବଲ୍ଲଭ ମଠକୁ ଘେନି ଯାଆନ୍ତି । ଦଶମୀ ତିଥିରେ ହରଚଣ୍ଡିସାହି ଆଖଡ଼ା ତରଫରୁ ସୁବାହୁ ଓ ମାରିଚ (ଖର ଓ ଦୂଷଣ) ପ୍ରତୀକାତ୍ମକ ବେଶ ହୋଇ ଯଜ୍ଞରକ୍ଷା ଉତ୍ସବ ପାଳନ କରିଥାନ୍ତି । ଚୈତ୍ର ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ସୀତାବିବାହ ନୀତି ପାଳନ କରାଯାଏ । ହରଚଣ୍ଡିସାହି ଆଖଡ଼ା ତରଫରୁ ଉତ୍ସବର ଆୟୋଜନ କରାଯାଏ । ପୂର୍ବଦିନ ପରି ରାମ, ଲକ୍ଷଣ ଓ ସୀତାଙ୍କୁ ରତ୍ନ ସିଂହାସନରେ ବିଜେ କରାଇ ଆଜ୍ଞାମାଳ ପାଇବା ପରେ ବିମାନବଡୁ ମାନେ ଜଗନ୍ନାଥ ବଲ୍ଲଭ ମଠକୁ ଘେନି ଯାଆନ୍ତି । ଉକ୍ତ ଦିନ ମଧ୍ୟ ରାମ ଓ ପର୍ଶୁରାମ ବିବାଦ ହୋଇ କଳାହରଣ ନୀତି ପାଳିତ ହୁଏ । ଉତ୍ସବ ଶେଷ ହେବା ପରେ ତିନି ପ୍ରତୀମା ଦକ୍ଷିଣି ଘରକୁ ବାହୁଡ଼ି ଥାଆନ୍ତି । ଦ୍ୱାଦଶୀ ତିଥିରେ ପୂର୍ବଦିନ ପରି ତିନି ଠାକୁରଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ଜଗନ୍ନାଥ ବଲ୍ଲଭ ମଠକୁ ବିମାନରେ ବିଜେ କରାନ୍ତି । ଏହି ତିଥିରେ ମାର୍କଣ୍ଡେଶ୍ୱର ସାହି ଆଖଡ଼ା ତରଫରୁ ବନବାସ ଲୀଳା ଅନୁଷ୍ଠିତ ହୁଏ ଓ ପରେ ପରେ ତିନି ପ୍ରତିମା ଶ୍ରୀମନ୍ଦିରକୁ ବାହୁଡ଼ି ଥାଆନ୍ତି । ତ୍ରୟୋଦଶୀତିଥିରେ ଦମନକ ଚୋରୀ ନୀତି ପାଇଁ ରାମଲୀଳା ପର୍ବ ପାଳନ କରାଯାଏ ନାହିଁ ।

ଚୈତ୍ର ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ବିମାନବଡୁଙ୍କ ଦ୍ୱାରା ତିନି ଠାକୁରଙ୍କୁ ଜଗନ୍ନାଥ ବଲ୍ଲଭ ମଠକୁ ନିଆଯାଏ । ଉକ୍ତ ଦିବସରେ କୁଣ୍ଢେଇବେଂଟସାହି ଆଖଡ଼ା ଦଳ ଆନୁକୁଲ୍ୟରେ ମାୟାମୃଗ, ଛଦ୍ମବେଶୀ ରାବଣ, ସୀତାଚୋରୀ ଓ ରାମଲକ୍ଷ୍ମଣଙ୍କ ସୀତାଙ୍କୁ ଖୋଜିବା ଲୀଳା ଅନୁଷ୍ଠିତ ହୁଏ । ଏହାପରେ ତିନି ଠାକୁର ଦକ୍ଷିଣି ଘରକୁ ବାହୁଡ଼ି ଥାଆନ୍ତି । ବୈଶାଖ ପୂର୍ଣ୍ଣମୀ ଦିନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଜଗନ୍ନାଥ ବଲ୍ଲଭ ମଠରେ ବିଜେ କରାଯାଏ । ଦୋଳ ମଣ୍ଡପସାହି ଆଖଡ଼ା ଦ୍ୱାରା ଲଙ୍କା ପୋଡ଼ି ଲୀଳାର ଅୟୋଜନ ହୁଏ । ରାବଣ ଓ ହନୁମାନ ବେଶରେ ଅଭିନୟକାରୀ ବ୍ୟକ୍ତି ଦୁଇଜଣ ଜଗମୋହନକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆସିବା ପରେ ଲଙ୍କା ପୋଡ଼ି ଲୀଳା ପରିବେଷିତ ହୁଏ । ଲୀଳା ଶେଷରେ ଦୁଇ ଠାକୁର ଶ୍ରୀମନ୍ଦିର ଦକ୍ଷିଣି ଘରକୁ ବାହୁଡ଼ି ଥାଆନ୍ତି । ବୈଶାଖ କୃଷ୍ଣ ପ୍ରତିପଦାରେ ଦୁଇ ଠାକୁର ଜଗନ୍ନାଥ ବଲ୍ଲଭ ମଠରେ ବିଜେ କରିବା ପରେ ବାଲିସାହି ଆଖଡ଼ା ଦଳ ଦ୍ୱାରା ସେତୁବନ୍ଧ ପ୍ରତିଷ୍ଠା ଲୀଳା ପାଳନ କରନ୍ତି ଓ ଠାକୁର ମାନେ ଦକ୍ଷିଣି ଘରକୁ ଫେରିଥାନ୍ତି । ଦ୍ୱିତୀୟା ତିଥିରେ ରାବଣବଧ ଲୀଳା ହୁଏ । ମାତ୍ର ଶ୍ରୀକ୍ଷେତ୍ରରେ ରାବଣପୋଡ଼ି ପରମ୍ପରା ପାଳନ କରାଯାଏ ନାହିଁ । ପୁଷ୍ୟ ନକ୍ଷତ୍ର ଓ କର୍କଟରାଶି ଥାଇ ତାରାଶୁଦ୍ଧି ଥିବା ଦିବସରେ ଶ୍ରୀରାମଙ୍କର ଅଭିଷେକ ଉତ୍ସବ ପାଳିତ ହୁଏ । ସବୁଦିନ ପରି ମହାପ୍ରଭୁଙ୍କ ଆଜ୍ଞାମାଳ ପାଇବା ପରେ ବିମାନବଡୁଙ୍କ ଦ୍ୱାରା ବିମାନରେ ଜଗନ୍ନାଥ ବଲ୍ଲଭ ମଠ ଯାତ୍ରା କରନ୍ତି । ମାତ୍ର ଏହି ଦିନର ବିଶେଷତ୍ୱ ଏହାଯେ ନିଃଶବ୍ଦରେ ଯାତ୍ରା କରିଥାନ୍ତି । ଗୌଡ଼ବାଡ଼ସାହିର ଦୁଇଜଣ କଳାକାର ଭରତ ଓ ଶତ୍ରୁଘ୍ନ ବେଶରେ ଜଗନ୍ନାଥ ବଲ୍ଲଭ ମଠକୁ ଯାଆନ୍ତି । ସେଠାରୁ ଲୀଳା ଶେଷ କରି ରାମ, ଲକ୍ଷ୍ମଣ, ସୀତା, ହନୁମାନ ପ୍ରଭୃତି ବିମାନରେ ଆସି ମହାଲକ୍ଷ୍ମୀଙ୍କ ଜଗମୋହନରେ ମୂଳିଆ ସୁଆଁସିଆ ସେବକ ରଖିଥିବା ଖଟ ଉପରେ ଭଦ୍ରାସନରେ ବିଜେ କରନ୍ତି । ପୂଜାପଣ୍ଡା ପଂଚଉପଚାରରେ ପୂଜା ଓ ବନ୍ଦାପନା କରିବା ପରେ ଚାରି ଠାକୁର ମହାଜନଙ୍କ ହସ୍ତରେ ଦକ୍ଷିଣି ଘରକୁ ବିଜେ କରିଥାନ୍ତି । ଏହିପରି ଭାବରେ ଏକାଦଶଦିନାତ୍ମକ ଯାତ୍ରାର ଶେଷ ହୁଏ ।


♥ ପ୍ରାକ୍ତନ ପ୍ରାଧ୍ୟାପକ, ଉଦଳା
ମହାବିଦ୍ୟାଳୟ, ଉଦଳା, ମୟୂରଭଂଜ
(ମୋ) ୯୯୩୭୧୫୧୩୧୦


## ପଢ଼ିବା ପରେ...

# ଝିଅ ପାଇଁ ଚେନାଏ ଆକାଶ




ନାରୀଟିଏ ନାରୀର ମନସ୍ତତ୍ତ୍ୱକୁ ସହଜରେ ପଢ଼ିପାରେ। ସହଜରେ ପ୍ରକାଶ କରିପାରେ ଅନ୍ତରର ବ୍ୟଥା, ବେଦନା। ସେମିତି କିଛି କବିତାକୁ ନେଇ ବନଫୁଲ ପ୍ରକାଶ କରିଛି ବିକାଶୀ ପ୍ରିୟଦର୍ଶିନୀ ଙ୍କ ପ୍ରଥମ କବିତା ସଂକଳନ ଝିଅ ପାଇଁ ଚେନାଏ ଆକାଶ।ତାଙ୍କ କବିତାର ଭାଷା ବେଶ୍ ସରଳ ଆଉ ସାଧାରଣ ପାଠକ ବୁଝିବା ପରି।

ସାମାଜିକ ଗଣମାଧ୍ୟମରେ ସକ୍ରିୟ ବିକାଶୀଙ୍କ କବିତା ସବୁ ନାରୀ ଜୀବନର ଦୁଃଖ ସୁଖ, ହସ ଲୁହର କଥା ବଖାଣେ।

ଏଇ ଯେମିତି ପ୍ରଥମ କବିତାରେ ରହିଛି ଏନ୍ତୁଡ଼ି ନିଆଁରୁ ଆରମ୍ଭ ହୋଇ ଜୁଇ ନିଆଁରେ ଲଦା ହେବା ଯାଏଁ ଗୋଟେ ନାରୀର ଦୁଃଖ, ଦୁର୍ଦ୍ଦଶା ଆଉ ଅସହାୟତାର କରୁଣ ଚିତ୍ର।



ସେ ଜାଣେ.. / ତାର ଏ ଲୁହ କୋହ / ମାୟା ମୋହ / ସବୁ ଆଉ କାହାର / ତଥାପି ବଢୁଥାଏ, ଚଢୁଥାଏ.. / ଖାଇ ସମୟର / ଚାବୁକ ପ୍ରହାର..

(ସେ ଜାଣେ, ପୃ : ୫)

ନାରୀ ସହିବାର କଳା ମା ପେଟରୁ ହିଁ ଶିଖି ଆସିଥାଏ। ଧରିତ୍ରୀ ପରି ସେ ସର୍ବଂସହା। ତଥାପି ବେଳେବେଳେ ତା ପ୍ରତି ଅତ୍ୟାଚାର ସୀମା ଟପେ। ସେତେବେଳେ ତା ମନରେ ନିଆଁ କୁହୁଳେ ସତ ହେଲେ ସେ ତାକୁ ହୃଦୟ ଭିତରେ କବର ଦେଇ ପୁଣି ବଞ୍ଚିବାର ସ୍ୱପ୍ନ ଦେଖେ।

ବନ୍ଦୀ ହୋଇ ବି ସେ ଦୁନିଆଁ ସହ / ଛନ୍ଦି ହେବାର ସ୍ୱପ୍ନ ଦେଖେ / ନିନ୍ଦା ପାଇ ବି
ନୂତନ ସନ୍ଧ୍ୟାର ସ୍ୱପ୍ନ ଦେଖେ
(ଅନ୍ତଃ ବିଦ୍ରୋହୀ, ପୃ ୧୧)

ହୃଦୟର କ୍ରୋଧ ବେଳେବେଳେ କମାରଶାଳର କୋଇଲା ଆଞ୍ଚ ପରି ଦିକିଦିକି ଜଳୁଥାଏ। ସେତେବେଳେ ଶବ୍ଦ ସବୁ ଲାଗନ୍ତି ପଜା ଦା' ପରି ଧାରୁଆ। କିଛି କବିତାରେ ପ୍ରତିବାଦର ସ୍ୱର ସେମିତି ତୀବ୍ର।

ଜୀବ ଥିବା ବେଳେ ଯାତନା ଯେତିକି / ମୃତ୍ୟୁରେ ବି ପାଦ ଆଗେ / ମଲା ଦେହ ତୋର ବାଦ୍ ବି ପଡ଼େନି / ରାସ୍ତାରୋକ କାମେ ଲାଗେ

(ଝିଅ ବୋଲି କଣ ଝରୁଥିବା, ପୃ : ୩୨)

ନାରୀ ସର୍ବଂସହା। ତା ବିନା ପୁରୁଷ ଅଧୁରା। ଯାବତୀୟ ଦୁଃଖ ଦୈନ୍ୟ ତା କପାଳରେ ଲେଖା। ନିଜ ପାଇଁ ସୁଖର ସଉଦା କିଣିବା ତା ପାଇଁ ଏତେ ସହଜ ନୁହେଁ। ତଥାପି ବିନା କାରଣରେ ବେଳେବେଳେ ସେ ଅତ୍ୟାଚାରିତ ହୁଏ। ଶେଷରେ ସେ ନିରୁପାୟ ହୋଇପଡ଼େ।

ଖୋଲିଦିଅ ଥରେ ଅମୃତ ଆଖି / ନିର୍ମଳ ଭାବରେ ନିଅ ପରଖି / ସୃଷ୍ଟି ସ୍ଥିତିର ଯିଏ ପ୍ରତିମୂର୍ତ୍ତି / ଲୋଲୁପ ଦୃଷ୍ଟିରୁ ଦିଅ ମୁକତି।

( ଖୋଲିଦିଅ ଥରେ ଅମୃତ ଆଖି, ପୃ : ୮୫)

ଝିଅଟିଏ ଦେବୀଟିଏ। ଏମିତି ଚିନ୍ତାଧାରାରେ କବୀ ବିଶ୍ୱାସ ରଖନ୍ତି ନାହିଁ। ତାଙ୍କର ଧୂପ, ଦୀପ, ନୈବେଦ୍ୟ ଦରକାର ନାହିଁ। ପୂଜା ପ୍ରାର୍ଥନା ଲୋଡ଼ା ନାହିଁ। କାରଣ ଏଠି ଦେବୀଟିଏର ଆବିର୍ଭାବ ଘଟେ ଦୈତ୍ୟ ସହ ଯୁଦ୍ଧ କରିବାକୁ। ତେଣୁ ଦେବୀ ନୁହେଁ ବରଂ ଚଢ଼େଇ ପରି ତାଙ୍କର ହଳେ ଡେଣା ଦରକାର। ଗୋଟେ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ମୁକ୍ତାକାଶଟିଏ ଦରକାର।

ଦେବୀର ଆଖ୍ୟାରେ ବାରମ୍ବାର / ଦୈତ୍ୟଙ୍କ ସହ ଭେଟ କରାଅନି / ପାରୁଛ ତ ଛାଡ଼ି ଦିଅ / ଝିଅ ପାଇଁ ଚେନାଏ ଆକାଶ ।
(ଝିଅ ପାଇଁ ଚେନାଏ ଆକାଶ, ପୃ : ୧୧)

ସଂକଳନର ସମସ୍ତ କବିତା ନାରୀକୈନ୍ଦ୍ରିକ। ଅବହେଳିତ, ନିଷ୍ପେସିତ ନାରୀ ସପକ୍ଷରେ ସ୍ୱର ଉତ୍ତୋଳନ କରିବାରେ କବୀ କାର୍ପଣ୍ୟ କରି ନାହାନ୍ତି। ସୃଜନର ଏ ପହିଲି ପାଦର ବେଗ ଆଉ ଟିକେ ଧୀର ହେଉ, ସୁଦୃଢ ହେଉ, ସ୍ଥିର ହେଉ, ପାଠକଙ୍କୁ ଆକର୍ଷିତ କରୁ। ♥




ସମୀକ୍ଷା :
ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଓଡ଼ିଆ ପକ୍ଷ ପାଳନ ଖେଳାଇ ଦେଇଛି ନୂଆ ଉତ୍ସାହ : ପ୍ରମିଳା ପଣ୍ଡା



ଉଦଳା , ୫/୪ (ନି.ପ୍ର): ପ୍ରଥମଥର ପାଇଁ ଚଳିତ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଠାରୁ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ଭାବରେ ସମଗ୍ର ରାଜ୍ୟରେ ପାଳିତ ହେଉଛି । ଏହା ପ୍ରତିଟି ଓଡ଼ିଆଙ୍କ ମନରେ ନୂଆ ପ୍ରକାର ଉତ୍ସାହ ଖେଳାଇ ଦେଇଛି ବୋଲି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ବ୍ୟକ୍ତ କରିଛନ୍ତି । ବିଶେଷ କରି ଓଡ଼ିଆରେ ନାମ ଫଳକ ଅଭିଯାନ ଓ ଆମ ପୋଷାକ, ଆମ ପରିଚୟ ଶିର୍ଷକ ଆଲୋଚନାଚକ୍ର ଲୋକଙ୍କ ମଧ୍ୟରେ ଖୁବ୍ ଭଲ ପ୍ରଭାବ ପକାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ଭାଷା ଭିତିକ ରାଜ୍ୟ ଗଠନରେ ସମଗ୍ର ଭାରତବର୍ଷରେ ଓଡ଼ିଶା ପ୍ରଥମ ରାଜ୍ୟ ଅଟେ । ସେହିପରି ଓଡ଼ିଶା ଏକମାତ୍ର ରାଜ୍ୟ ଯାହାର ଏକ ରାଜ୍ୟ ସଂଗୀତ ରହିଛି । ଓଡ଼ିଆ ଭାଷା ଓ ଲିପି ବହୁ ପୁରାତନ ଭାଷା ଓ ଲିପି ଭାବରେ ସମଗ୍ର ବିଶ୍ୱରେ ପରିଗଣିତ ହୋଇଥାଏ । ରାଜ୍ୟ ଶାସନରେ ଥିବା ମୋହନ ସରକାର ପ୍ରଥମ ଥର ପାଇଁ ଏହିଭଳି ଏକ ଉତ୍ସବ ପାଳନର ଉଦ୍ୟମ ଆରମ୍ଭ କରିଥିବାରୁ ନଗରପାଳ ଶ୍ରୀମତୀ ପଣ୍ଡା ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଜଳେଶ୍ୱର ବ୍ଲକ ତରଫରୁ ଐତିହ୍ୟ ଗଣ ଦୌଡ




ଜଳେଶ୍ୱର, ୫/୪ (ନି.ପ୍ର): ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଂଗୀତ, ପରମ୍ପରା ଆଦି ହେଉଛି ସମୃଦ୍ଧ ଏବଂ ଏହାକୁ ନେଇ ଆମେ ଗର୍ବିତ।ଏହାର ସଂରକ୍ଷଣ କରିବା ସହ ବହୁଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ଆମ କଳା,ସାହିତ୍ୟ ଓ ସଂସ୍କୃତି ଆଦିକୁ ବିଶ୍ୱ ବିଦିତ କରାଇବା ହେଉଛି ଆମର କର୍ତ୍ତବ୍ୟ।ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଥିବା ଆମର ଏହି ସଂସ୍କୃତି ଓ ପରମ୍ପରାକୁ ମହା ଆଡ଼ମ୍ବରର ସହକାରେ ପାଳନ କରିବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇ ଥିଲା।ଦୀର୍ଘ ୧୪ ଦିନ ଧରି ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସରକାରଙ୍କ ତରଫରୁ ନିଷ୍ପତି ନିଆଯାଇଛି।ତେଣୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଇତିହାସ ପାଇଁ ଆଜି ଦୌଡ଼ିବା ଇତିହାସ କଥା ମନେ ପକେଇବା' ଉକ୍ତିକୁ ମନେ ପକାଇ ଓଡିଆ ପକ୍ଷ ପାଳନ ଅବସରରେ ଜଳେଶ୍ୱର ବ୍ଲକ ତରଫରୁ ଐତିହ ଗଣ ଦୌଡ ବିଡିଓ ଗୌରାଙ୍ଗ ଚରଣ ଘୋଷ ଙ୍କ ନେତୃତ୍ୱରେ ସକାଳ ସାତ ଘଟିକାରେ ବ୍ଲକ ଛକ ଠାରୁ ଅନୁକୂଳ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲାଏହି ଗଣ ଦୌଡ଼ରେ ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ ସରପଞ୍ଚ ମାନେ ସାମିଲ ହେଇଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ବାରିପଦାଠାରେ ଐତିହ୍ୟ ୱାକାଥନ ଅନୁଷ୍ଠିତ




ବାରିପଦା, ୫/୪ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ମୟୂରଭଞ୍ଜଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ପକ୍ଷ ପାଳନର ପଞ୍ଚମ ଦିବସରେ ଆଜି ଏକ ଐତିହ୍ୟ ୱାକାଥନ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ୱାକାଥନକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ ବାରିପଦା ଷ୍ଟାଡିଅମ ପଡିଆ ଠାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରି ଅଂଶଗ୍ରହଣକାରିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପ୍ରାୟ ୨୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସୁଭାଶିଷ ନାୟକ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ କ୍ରୀଡା ଛାତ୍ରାବାସର ଅଧିକ୍ଷକ ଶ୍ରୀ ଅବନୀ ମୋହନ ମହାନ୍ତିଙ୍କ ପରିଚାଳନା କରିଥିଲେ। ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ଭାଗିରଥି ମଲ୍ଲିକ, ମୟୂରଭଞ୍ଜ ଏଥେଲେଟିକ ଏସୋସିଏସନର ସମ୍ପାଦକ ଶ୍ରୀ ବିଜୟ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ର ଡିପିସି ଶ୍ରୀ ପ୍ରଦ୍ୟୁମ୍ନ କୁମାର ଘୋଷ, ଶିକ୍ଷକ ଶ୍ରୀ ସୋମନାଥ ସିଂ, ଭଂଜପୁର ପୋଲିସ ଷ୍ଟେସନର ଆଇ ଆଇ ସି ଶ୍ରୀ ଅଜୟ କୁମାର ଜେନା,ଅବସର ପ୍ରାପ୍ତ ବରିଷ୍ଠ ଏଥେଲେଟିକ କୋଚ ଶ୍ରୀ କୁମାର ରଞ୍ଜନ ପଣ୍ଡା ଜିଲ୍ଲା ପୋଲିସ କାର୍ଯ୍ୟାଳୟର ଶ୍ରୀ ନିହାର ରଞ୍ଜନ ଦଣ୍ଡପାଟ ମୟୂରଭଞ୍ଜ ଏଥେଲେଟିକ ଏସସିଏସନ ର ସଦସ୍ୟ ଶ୍ରୀ ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ବାଲି ଟ୍ରାକ୍ଟର ଜବତ

ଜଳେଶ୍ୱର , ୫/୪ (ନି.ପ୍ର): ବିଳମ୍ବିତ ରାତିରେ ବେଆଇନ ବାଲି ଚୋରା ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟର ଜବଦ କଲେ ଜଳେଶ୍ୱର ତହସିଲଦାର, ଜଳେଶ୍ୱର ସହର ମଝିରେ ଯାଉଥିବା ବେଳେ ଧରିଲେ ତହସିଲଦାର ସତ୍ୟଜିତ ମହାନ୍ତି,ସୁଚନା ଅନୁଯାୟୀ ସୁବର୍ଣ୍ଣରେଖା ନଦୀ ରୁ ବେଆଇନ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଖବର ପାଇ ଜଳେଶ୍ୱର ତହସିଲରେ ଜଳେଶ୍ୱର ନୁଆ ବଜାର ଛକ ଠାରେ ଚଢ଼ାଉ କରିଥିଲେ,ଏହି ଚଢ଼ାଉ ସମୟରେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବଦ କରିଥିବା ବେଳେ ଅନ୍ୟ ୩ ଟି ଟ୍ରାକ୍ଟର ଏବଂ ଗୋଟିଏ ଡମ୍ପର ଆମ୍ବଳିଅଠା ଦେଇ ପଶ୍ଚିମବଙ୍ଗ କୁ ଚମ୍ପଟ ମାରିଛି,ଗାଡ଼ି ଯୋଡିକୁ ପିଛା କରୁଥିଲି ବେଳେ ଡମ୍ପର ଟି ତହସିଲଦାର ଙ୍କ ଗାଡ଼ିକୁ ଆଗକୁ ଯିବାକୁ ଦେଇ ନଥିଲା,ତେବେ ଜବଦ ଟ୍ରାକ୍ଟର କୁ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରା ଯାଇଥିବା ସୁଚନା ଦେଇଛନ୍ତି ତହସିଲଦାର ସତ୍ୟଜିତ ମହାନ୍ତି ।

# ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଜଳେଶ୍ୱର, ୫/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ଶାଳିକୋଠା ପରିସରରେ ଶନିବାର ସକାଳ ୮ ଘଟିକା ସମୟରେ ସୁସଜ୍ଜିତ ଶ୍ରେଣୀ ଗୃହରେ ନବାଗତ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଛି ।ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କେଦାର ନାଥ ଗିରିଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ହରେକୃଷ୍ଣ ଜେନା ଆଜି ଦିବସର ଉଦ୍ଧେଶ ବିଷୟରେ ଆଲୋକପାତ କରିବା ସହିତ ପିଲାଙ୍କ ଉଦ୍ଧେଶରେ ଆର୍ଶିର୍ବଚନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ତପନୀ ଭୂୟାଁ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ଗୁରୁ ଭକ୍ତି କଲେ ଆପେ ଆପେ ସହଜରେ ଉପାର୍ଜନ କରାଯାଇ ପାରେ ବୋଲି ଦର୍ଶାଇଥିଲେ ।ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ମନୋଜ କୁମାର ଭୂୟାଁ ଉପସ୍ଥିତ ହୋଇ ତାଙ୍କ ଅଭିଭାଷଣରେ ଶୃଙ୍ଖଳିତ ଜୀବନଧାରା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସବିତା ସାମଲ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଶିକ୍ଷକ ସତ୍ୟ ରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ନବାଗତ ଛାତ୍ର ଛାତ୍ରୀ ମାନେ ସେମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ବିଭିନ୍ନ ପ୍ରକାର ଦେଶାତ୍ମବୋଧ ସଙ୍ଗୀତ,ନୃତ୍ୟ ପରିବେଷଣ କରିବା ସହିତ ଚିତ୍ରାଙ୍କାନ, ଝୋଟି ଇତ୍ୟାଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।ଶେଷରେ ସମସ୍ତ ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ଏକ ଶୃଙ୍ଖଳିତ,ସରସ ସୁନ୍ଦର ଓ ନିରାପଦଯୁକ୍ତ,ପ୍ଲାଷ୍ଟିକ ମୁକ୍ତ ଏକ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠିତ କରିବା ପାଇଁ ସେମାନଙ୍କର ଉଦ୍ୟମ ଜାରି ରଖିବେ ବୋଲି ଶପଥ ପାଠ କରିଥିଲେ ।ପିଲାମାନଙ୍କ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସଞ୍ଜିବ କୁମାର ପ୍ରମାଣିକ,ଆଦ୍ୟାଶା ହେମ୍ବ୍ରମ, ବାବୁଲୁ ମୁର୍ମୁ,ଦେବସ୍ମିତା ଗିରି,ଅନୁରାଧା ରାଉଳ,ଆଶିଷ କୁମାର ଦତ୍ତ,ପ୍ରଣତି ବାଳା ଦତ୍ତ, ଏସ.କେ.ନେଶାର ଅହମ୍ମଦ, ଶୁଭଶ୍ରୀ ଭୂୟାଁ, ମମତା ଭଞ୍ଜ, ସୁରଜ ଦାସ ମହାପାତ୍ର ଓ ଶିକ୍ଷା କର୍ମଚାରୀ ପ୍ରଦୀପ କୁମାର ଦାସ, ମୌସୁମୀ ପାଳ ଏବଂ ଅମ୍ବରୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।ଏହି ଅଞ୍ଚଳର ବୁଦ୍ଧିଜୀବି ଅଭିଭାବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।


## AFFIDAVIT

I, Sekha Mahmood Haque, 61yrs, S/o Sk Taiyab Haque, At/ P.O.Bidyadharpur, PS:Basta, Dist.Balasore do hereby solemnly affirm and state as follows:-

1.That my real name is SEKHA MAHMOOD HAQUE which is mentioned in my Aadhar No.4028 3995 6593 and other document.

2. That, in my RPLI policy (No.R-OR-EA-32521) my name has been mentioned as SK MAHMAD HAQUE instead of SEKHA MAHMOOD HAQUE.

3. That, Sekha Mahmad Haque and Sekha Mahmood Haque son of Sk. Taiyab are not two persons but one and same person.

Hence this affidavit.

Sd/-
***Sekha Mahmood Haque***


# ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ୭୫ତମ ପ୍ଲାଟିନମ୍ ଜୟନ୍ତୀ ପାଳନ



ବଡସାହି , ୫/୪ (ନି.ପ୍ର): ସ୍ଥାନୀୟ ପୂର୍ଣମାସୀ ସେବା ସଂସ୍ଥାନ ଆନୁକୂଲ୍ୟରେ ମା'ତାରିଣୀ ମଣ୍ଡପ ଠାରେ ବଡସାହି ମାଟିରୁ ବଡପୁଅ ପୂର୍ଣଚନ୍ଦ୍ର ବୁଗୁଡେଇଙ୍କ ୭୫ତମ ପ୍ଲାଟିନମ୍ ଜୟନ୍ତୀ ଉତ୍ସବ ଆଡ୍‌ଭୋକେଟ ରାଜକିଶୋର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ ପୂର୍ଣ୍ଣବାବୁ ପରିପୂର୍ଣ୍ଣ ବ୍ୟକ୍ତିତ୍ୱରେ ସହସ୍ରାଧିକଙ୍କୁ ରାସ୍ତାରୁ ଆଣି ରାଜରାସ୍ତା ଦେଖାଇ ମହିମ୍ନ ଅନୁଦାତା ଭାବେ ରାଜ୍ୟରେ ନିଆରା ପ୍ରତିଭା ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଡ଼କ୍ଟର ଜଗତ୍ ?ଦ୍ୱନ୍ଦୁ ଆଚାର୍ଯ୍ୟ ସମଗ୍ର ଉତ୍ତର ଓଡିଶାରେ ଯାନ୍ତ୍ରିକ ଶିକ୍ଷାର ନାଁ ଗନ୍ଧ ନଥିବା ବେଳେ ସେ ପ୍ରଚଳନର ଭଗୀରଥ, ଜିଲ୍ଲାରେ ଶିକ୍ଷକ ଶିକ୍ଷାବିକାଶର ବିନ୍ଧାଣୀ, ଜିଲ୍ଲାର ଆବାଳ ବୃଦ୍ଧ ବନିତାଙ୍କର ସାମଗ୍ରିକ ସ୍ୱାର୍ଥ ପାଇଁ ଏକମାତ୍ର ନାଗରିକ ସଂଘ ଗଢ଼ି ନିର୍ଣ୍ଣାୟକ ଏବଂ ସମଗ୍ର ରାଜ୍ୟରେ ଧର୍ମ ଏବଂ ମାନବ ଧର୍ମର ଫରକ୍ ଶିଖାଇ ମାନବ ଧର୍ମର ପ୍ରତିଷ୍ଠାତା ପୂର୍ଣ୍ଣବାବୁ ତାଙ୍କ ଉପରୋକ୍ତ ଚାରିଗୋଟି ସୋପାନରେ ପ୍ରଥମ ସ୍ଥାନ ଅଧିକାର କରି ଜନୈକ ସ୍ୱର୍ଣ୍ଣ ଚତୁର୍ଭୁଜ ବକ୍ତବ୍ୟ ରଖିଥିଲେ । ଉତ୍ସବରେ ନାଟ୍ୟକାର ମନୋରଞ୍ଜନ ବେହେରା, ଅବସରପ୍ରାପ୍ତ ସଂଘର ସଭାପତି ରଣଜିତ୍ କୁମାର ଦାସ, ଆଡ. ସଚ୍ଚିଦାନନ୍ଦ ମହାନ୍ତି, ବାଣୀପୀଠ ଅଧକ୍ଷ ଡ଼କ୍ଟର କୁମାର ବାବୁଲି ବକ୍ତବ୍ୟ ରଖୁଥିଲେ । ସୁଶ୍ରୀ ସୁବାସିନୀ ପତି, ରାଜେନ୍ଦ୍ର ନାଥ ଜେନା, ସଚ୍ଚିନ୍ଦ୍ର ନାଥ ବିଶ୍ୱାଳ, ଅରୁଣ ଓତା ଓ ହରିଶ୍ଚନ୍ଦ୍ର ଗୋସ୍ୱାମୀଙ୍କ ବହୁବିଧ ପ୍ରଶ୍ନୋତ୍ତରୀରେ ସବୁଠୁ ଶ୍ରେୟ ଦେଇ ଶ୍ରୀ ବୁଗୁଡେଇ ଯେଉଁ ପୁଅ ପିତାଙ୍କ କଥାକୁ ପିତା ନମାନି ତାକୁ ଈଶ୍ୱରଙ୍କ ନିର୍ଦ୍ଦେଶ ମାନେ ଏବଂ ମା'କୁ ମୁଣ୍ଡରେ ବସାଇ ନିର୍ମାତ୍ରୀର ସମ୍ମାନ ଦେଇ ତାଙ୍କୁ ଈଶ୍ୱରୀ ମାନେ ସେ ପୁଅ ଶୂନ୍ୟବିତ୍ତ ବଲ୍କରୁ ବାଲ୍ମିକୀ ଏବଂ ଦିବ୍ୟ ପୁରୁଷାକାର ଭାବେ ଅନ୍ୟକୁ ଠକି ନିଜେ ଠକି ନଥାଏ । ଉତ୍ସବରେ ପାଲା ଗାୟକ ମନୋରଞ୍ଜନ ଗିରି ପାଲା ପରିବେଷଣ ପରେ ତାଙ୍କୁ ସଂସ୍ଥାନ ତରଫରୁ ପୂର୍ଣ୍ଣମାସୀ ପାଲା ଗାୟକ ଭୂଷଣ ସମ୍ମାନରେ ଭୂଷିତ କରାଯାଇଥିଲା । ଉତ୍ସବରେ ଶ୍ରୀ ବୁଗୁଡେଇ ପଢ଼ିଥିବା ବଡସାହି ଗ୍ରାମର ପ୍ରାଥମିକ, ଉଚ୍ଚମାଧ୍ୟମିକ ଏବଂ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଥମ ମେଧାବୀ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା । ସଭା ପ୍ରାରମ୍ଭରେ ସ୍ଥାନୀୟ ବୁଗୁଡେଇ ବିହାର ଠାରେ ତାଙ୍କ ପିତାମାତାଙ୍କ ପ୍ରତିମୂର୍ତ୍ତିକୁ ସେ ପୂଜାର୍ଚ୍ଚନା କରି ଭାବାବେଗ ସୃଷ୍ଟି କରିଥିଲେ। ସଭା ଶେଷରେ ମହେଶ୍ୱର ସେନାପତି ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସମର୍ଥନ ଦେଇ ...

ତବ୍ରେଜ୍ ସିଦ୍ଦିକି ଆଲିଗ, ମହମ୍ମଦ ଶାହନୱାଜ ମଲ୍ଲିକ ଏବଂ ମହମ୍ମଦ କାସିମ ଅନସାରୀ ରହିଛନ୍ତି । ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଜେଡିୟୁ ପାଇଁ ଏହି ଘଟଣା ଚିନ୍ତା ବଢାଇଥିବା ବେଳେ ଏହାର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ନିଜ ଇସ୍ତଫା ପତ୍ରରେ ରାଜୁ ନୈୟାର କହିଛନ୍ତି , ୱାକଫ୍ ସଂଶୋଧନ ବିଲ୍ କୁ ଜେଡିୟୁ ର ସମର୍ଥନରେ ସେ ଗଭୀର ଦୁଃଖିତ ଏବଂ ଏହା ଏକ କଳା ଆଇନ ଯାହା ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରୁଛି । ୱାକଫ୍ ସଂଶୋଧନ ବିଲ୍ ପାରିତ ହୋଇ ଲୋକସଭାରେ ସମର୍ଥନ ପାଇବା ପରେ ମୁଁ ଜେଡିୟୁରୁ ଇସ୍ତଫା ଦେଉଛି ଏବଂ ଦଳର ସମସ୍ତ ଦାୟିତ୍ୱରୁ ମୁକ୍ତ ହେବାକୁ ଅନୁରୋଧ କରିଛି ।

### ଶ୍ରୀଲଙ୍କାରେ...

ମୂଲ୍ୟବାନ ବୋଲି ଦର୍ଶାଏ । ଏହି ରତ୍ନର ଚାରିପାଖରେ ପଦ୍ମଫୁଲ ପାଖୁଡ଼ାର ମାଳା ସଂପର୍କରେ ଶୁଦ୍ଧତା ଏବଂ ସ୍ଥିରତାର ପ୍ରତୀକକୁ ଦର୍ଶାଏ । ପରିଶେଷରେ ସୂର୍ଯ୍ୟ ଏବଂ ଚନ୍ଦ୍ରର ପ୍ରତୀକ ୨ ଦେଶ ମଧ୍ୟରେ ଅତୀତରୁ ଆରମ୍ଭ କରି ଭବିଷ୍ୟତ ପର୍ଯ୍ୟନ୍ତ ସଂପର୍କରେ ନିରନ୍ତରତାକୁ ଦର୍ଶାଇଥାଏ । ଅତୀତରେ ଯେମିତି ଉଭୟ ଦେଶ ମିତ୍ରତା ସଂପର୍କରେ ଥିଲେ ଭବିଷ୍ୟତରେ ମଧ ଏହି ଧାରା ବଜାୟ ରହିବ । ପୁରସ୍କାର ଏବଂ ପ୍ରତୀକ ମାଧ୍ୟମରେ ଭାରତ ଏବଂ ଶ୍ରୀଲଙ୍କା ସାଂସ୍କୃତିକ , ଧାର୍ମିକ ଏବଂ ଐତିହାସିକ ସଂପର୍କକୁ ଏକ ନୂଆ ଦିଗ ଦେଖାଏ ।

### ସସ୍ମିତଙ୍କୁ ବଳିବୋଦା ସଜାଉଛି ...

୩ ଏପ୍ରିଲ, ସମୟ ଅପରାହ୍ଣ ୫ଟା ୫୯ । ଏକ୍ସ ହ୍ୟାଣ୍ଡେଲରୁ ରାଜ୍ୟସଭାରେ ବିଜେଡି ନେତା ଦଳର ରାଷ୍ଟ୍ରୀୟ ପ୍ରବକ୍ତା ସାଂସଦ ସସ୍ମିତ ପାତ୍ରଙ୍କ ଏ ପୋଷ୍ଟ- ୱକ୍ଫ ବିଲକୁ ନେଇ ହ୍ୱିପ୍ ଜାରି ହୋଇନି । ବିବେକାନୁମୋଦିତ ଭୋଟ୍ ଦେବ ବିଜେଡି । ଯଦିଓ ଏଭିତରେ ରାଜ୍ୟସଭାରେ ବିଲ୍ ବିରୋଧରେ ସାଂସଦ ମୁନ୍ନା ଖାଁ ଦଳର ଷ୍ଟାଣ୍ଡ ରଖି ସାରିଥିଲେ, ତା ପରେ ସସ୍ମିତଙ୍କ ଏ ପୋଷ୍ଟ, ଆଉ ଏହାର ପାଖାପାଖି ୮ ଘଣ୍ଟା ପରେ ବିଳମ୍ବିତ ରାତିରେ ହେଲା ବିଲ୍ ଉପରେ ଭୋଟିଂ । ହେଲେ ଏଠି ପ୍ରଶ୍ନ ସସ୍ମିତଙ୍କ ଏ ନିଷ୍ପତ୍ତି ଦଳୀୟ ନିଷ୍ପତ୍ତି ଥିଲା ନା ନାହିଁ ? ସସ୍ମିତ ଷଡ଼ଯନ୍ତ୍ର କରି ଏଭଳି ପୋଷ୍ଟ କରିଥିଲେ ନା ଯା ପଛରେ ନବୀନ ଓ ପାଣ୍ଡିଆନଙ୍କ ନିର୍ଦ୍ଦେଶ ଥିଲା ? ଉପରୁ ନିର୍ଦ୍ଦେଶ ବିନା ସସ୍ମିତ ଏତେ ବଡ଼ ନିଷ୍ପତ୍ତି ନେବା କେତେ ସମ୍ଭବ ? ଯଦି ଏଭଳି ନିଷ୍ପତି ପାର୍ଟି ଲାଇନ୍ ବାହାରେ ଥିଲା ସସ୍ମିତଙ୍କ ପୋଷ୍ଟ ଓ ଭୋଟିଂ ଭିତରେ ଥିବା ଲମ୍ବା ୮ ଘଣ୍ଟାର ସମୟ ଭିତରେ ଦଳ କରୁଥିଲା କଣ ? ଯଦି ଦଳ ସସ୍ମିତଙ୍କ କଥାରେ ଏକମତ ନଥିଲା, ସାମ୍ନାକୁ କାହିଁକି ଆସିଲାନି ? ସାଂସଦଙ୍କ ଭିତରେ ସୃଷ୍ଟ ଦ୍ୱନ୍ଦ୍ୱ ଦୂର ପାଇଁ କି ଉଦ୍ୟମ କରିଥିଲେ ସୁପ୍ରିମୋ ? ଏପରିକି ୪ ତାରିଖ ସକାଳୁ ବି ସସ୍ମିତ କହିଥିଲେ ମୁଁ ୱକ୍ଫ ବିଲ୍ ସପକ୍ଷରେ ଭୋଟ୍ ଦେଲି । ହେଲେ ଏହା ପରେ ବି ଗୋଳିଆ ବାତାବରଣ ସ୍ୱଚ୍ଛ କରିବାକୁ ଦଳ ପାଖରୁ କୌଣସି ଅଫିସିଆଲ୍ ଷ୍ଟେଟମେଣ୍ଟ ଆସିଲାନି । ଏଯାଏଁ ବି ଆସିନି । କିନ୍ତୁ ଶଙ୍ଖଭବନରେ ଦଳର ଉପଦେଷ୍ଟା କମିଟି ବୈଠକ ଓ ସଂଧ୍ୟାରେ ନବୀନ ନିବାସରେ ବରିଷ୍ଠ ନେତାମାନଙ୍କ ବୈଠକ ପରଠୁ ଯେମିତି ଆରମ୍ଭ ହୋଇଯାଇଛି ଘଟଣା ପାଇଁ କେବଳ ସସ୍ମିତଙ୍କୁ ଦାୟୀ କରିବାର ପର୍ବ । ପ୍ରଥମେ କାର୍ଯ୍ୟାନୁନ ଗ୍ରହଣ ପାଇଁ କାଲି ସଂଧ୍ୟାରେ ଦଳର ସଭାପତିଙ୍କୁ ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ପୁଣି ଆଜି ଆଉ ଜଣେ ବରିଷ୍ଠ ନେତା ପ୍ରତାପ ଜେନାଙ୍କ ଏ ଚିଠି । ଦୁଇଟା ଯାକ ଚିଠିର ମର୍ମ ଯଦିଓ ସମାନ, ପ୍ରତାପଙ୍କ ଚିଠି କିନ୍ତୁ ଥିଲା ଆକ୍ରମଣାତ୍ମକ । ସୋସିଆଲ ମିଡିଆରେ ସସ୍ମିତଙ୍କ ପୋଷ୍ଟ ଦଳର ଆଭିମୁଖ୍ୟ ବିରୋଧୀ ଥିଲା କହି ଏହା ପଛରେ ଗଭୀର ଷଡ଼ଯନ୍ତ୍ର ଥିବାର ବି ହୃଦବୋଧ କରିଥିଲେ ପ୍ରତାପ । ତେଣୁ ରାଜ୍ୟସଭା ନେତା ଭାବରେ ପାତ୍ର କିଭଳି ଏ ପୋଷ୍ଟ କଲେ ସେ ନେଇ ଗଭୀର ତର୍ଜମା କରାଯିବା ସହ ଏ ଷଡ଼ଯନ୍ତ୍ର ପଛରେ କିଏ ତାର ଅନୁଧାନ କରାଯିବା ଏବଂ କାରଣ ଦର୍ଶାଅ ନୋଟିସ୍ ଜାରି କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ପ୍ରତାପ । ତେବେ ବିଜେଡିର ଏଭଳି ଅକଳ ସ୍ଥିତିକୁ ନେଇ ନବୀନଙ୍କ ହାତରୁ ଦଳ ଖସୁଥିବା କହି ବିଜେଡିକୁ ଛିଗୁଲେଇଛି ବିଜେପି । ଏସବୁ ଭିତରେ ବିଜେଡିର ରାଜ୍ୟସଭା ଖେଳ ପାଇଁ ପ୍ରକୃତରେ ଦାୟୀ କିଏ , ସସ୍ମିତ ନା ପାଣ୍ଡିଆନ, କିଏ କରିଛି ଖେଳ, ତାକୁ ନେଇ ଯେତିକି ଚର୍ଚ୍ଚା, ୱକ୍ଫ ଭୋଟିଂକୁ ନେଇ ସୃଷ୍ଟି ହୋଇଥିବା ଅକଳ ପରିସ୍ଥିତିରୁ ଉଦ୍ଧାର ପାଇବାକୁ କେବଳ ସସ୍ମିତଙ୍କୁ ହିଁ ବଳିବୋଦା ସଜାଯିବାରୁ ପ୍ରୟାସ ଚାଲିଥିବା ନେଇ ସେତିକି ହେଉଛି ଆଲୋଚନା । ତେବେ ଓଟିଭିକୁ ପ୍ରତିକ୍ରିୟାରେ ସସ୍ମିତ ପାତ୍ର କହିଛନ୍ତି, ସେ ଏବେ ତାସକେଣ୍ଟରେ ଅଛନ୍ତି । ୧୫୦ତମ ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିୟନ୍-ଆଇପିୟୁ ମିଟିଂରେ ଯୋଗ ଦେବାକୁ ସଂସଦୀୟ ପ୍ରତିନିଧି ଦଳ ସହ ତାସକେଣ୍ଟ ଆସିଛନ୍ତି ।ସେଠାରୁ ଫେରିବା ପରେ ହିଁ ଯାହାକିଛି ପ୍ରତିକ୍ରିୟା ରଖିବେ । ତେଣୁ ଏବେ ଅପେକ୍ଷା ସସ୍ମିତଙ୍କ ଆଭିମୁଖ୍ୟକୁ ।

### ରାଜ୍ୟର ସାଢ଼େ ...

ଭାରତ ଲାଗୁ ହୋଇପାରିନଥିଲା, ଆସନ୍ତା ୧୧ ତାରିଖରେ ଏହାର ଶୁଭାରମ୍ଭ ହେବାକୁ ଯାଉଛି । ଫଳରେ ରାଜ୍ୟବାସୀ ଓଡ଼ିଶା ସମେତ ଦେଶବ୍ୟାପି ମାଗଣା ଚିକିତ୍ସା ସୁବିଧା ପାଇ ପାରିବେ । ଯଦି ବା କୌଣସି କାରଣବଶତଃ ନୂଆ କାର୍ଡରେ କିଛି ସମସ୍ୟା ଉପୁଜେ, ଆଧାର ନମ୍ବର ଦେଇ ଦେଶର ଯେକୌଣସି ଅନୁବନ୍ଧିତ ମେଡ଼ିକାଲରେ ଚିକିତ୍ସା ସୁବିଧା ପାଇପାରିବେ । ଓଡ଼ିଶାରେ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ପାଇଁ ଗତ ଜାନୁୟାରୀ ୧୩ରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରିଥିଲେ ରାଜ୍ୟ ସରକାର । ଯୋଜନା ଅନୁଯାୟୀ, କେନ୍ଦ୍ରର ଆୟୁଷ୍ମାନ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଏବଂ ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ । ଏଭଳି ଭାବେ ୧ କୋଟି ୩ ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ । ପୂର୍ବରୁ ପରିବାର ପିଛା ମିଳୁଥିଲା ଗୋଟିଏ ଲେଖାଏଁ କାର୍ଡ । କିନ୍ତୁ ଏବେ ଉଭୟ ଯୋଜନାର କୋ-ବ୍ରାଣ୍ଡିଂ କରି ପ୍ରତି ହିତାଧିକାରୀଙ୍କୁ ଦିଆଯିବ ଗୋଟିଏ ଲେଖାଏଁ କାର୍ଡ । ଏହା ଜରିଆରେ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଓ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଯାଏଁ ଚିକିତ୍ସା ଖର୍ଚ୍ଚ ବହନ କରାଯିବ । ଅନ୍ୟପଟେ ପରିବାରରେ ୭୦ ବର୍ଷ ବୟସରୁ ଅଧିକ ବୟସ୍କ ହିତାଧିକାରୀ ଥିଲେ ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ । କାରଣ ୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ସାମିଲ କରାଯିବ 'ଆୟୁଷ୍ମାନ ବୟୋବନ୍ଦନା' ଯୋଜନାରେ । ରାଜ୍ୟରେ ଏବେ ଏହି ବର୍ଗଙ୍କ ସଂଖ୍ୟା ୨୩ ଲକ୍ଷ ୧୨ ହଜାରରୁ ଅଧିକ । ସେମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ 'ଆୟୁଷ୍ମାନ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ'ରେ ସାମିଲ ହୋଇଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏବେ ଯୋଡ଼ିହେବେ । ପୂର୍ବରୁ ୧୬ଟି ରାଜ୍ୟରେ ୯ଶହ ତାଲିକାଭୂକ୍ତ ହସ୍ପିଟାଲରେ ମାଗଣା ଚିକିତ୍ସା ସୁବିଧା ମିଳୁଥିଲା । ଏଣିକି ରାଜ୍ୟର ସବୁ ହିତାଧିକାରୀ ଓଡ଼ିଶା ସହ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜିକୃତ ଘରୋଇ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ । ତେବେ ଇକେୱାଇସି ଅପଡେଟ୍ ସହ ପ୍ରସ୍ତୁତ ନୂଆ କାର୍ଡ ନପାଇବା ଯାଏଁ ପୂର୍ବରୁ ପ୍ରଚଳିତ ଈଙ୍କଣ କାର୍ଡ ଜରିଆରେ ଚିକିତ୍ସା ସେବା ପାଇପାରିବେ ହିତାଧିକାରୀ । ତେଣେ 'ଆୟୁଷ୍ମାନ' ଆସୁଥିବା ଜାଣି ଖୁସି ବ୍ୟକ୍ତ କରିଛନ୍ତି ଲୋକେ । ଓଡ଼ିଶା ଭଳି ଦିଲ୍ଲୀରେ ମଧ ଆସନ୍ତା ୧୦ରେ ଲାଗୁ ହେବ ଆୟୁଷ୍ମାନ ଭାରତ । କିନ୍ତୁ ପଶ୍ଚିମବଙ୍ଗ ହେଉଛି ସେହି ଗୋଟିଏ ରାଜ୍ୟ, ଯେଉଁଠି ଏହି ଯୋଜନାକୁ କାର୍ଯ୍ୟକାରୀ କରିନାହାଁନ୍ତି ମମତା ସରକାର ।

### ନକ୍ସଲଙ୍କୁ ଶାହାଙ୍କ...

ଜୋରଦାର ହୋଇଛି ଅପରେସନ । ଲଗାତାର ମାସେ ହେବ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ମାଓବାଦୀମାନେ ସଫା ହେଉଛନ୍ତି, ମାଓ ଶିବିର ଧ୍ୱଂସ ହେଉଛି । ଆଉ ମାଓବାଦୀମାନେ ମଧ ଭୟରେ ଆତ୍ମସମର୍ପଣ କରୁଛନ୍ତି । ପୂର୍ବରୁ ବିଜାପୁର ଜେଲରେ ୫୦ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଆଜି ତେଲେଙ୍ଗାନାରେ ଆତ୍ମସମର୍ପଣ କଲେ ଛତିଶଗଡ଼ର ୮୬ ମାଓବାଦୀ । ଭଦ୍ରାଦ୍ରୀ କୋଥାଗୁଡେମ୍ ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଭିତରୁ ୨୦ ଜଣ ମହିଳା ମାଓବାଦୀ ଅଛନ୍ତି । ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀ ବିଜାପୁର ଏବଂ ସୁକମା ଅଞ୍ଚଳର ହୋଇଥିବା ବେଳେ ଶାହାଙ୍କ ଛତିଶଗଡ ଗସ୍ତ ବେଳେ ଏହା ସୁରକ୍ଷା କର୍ମୀଙ୍କ ପାଇଁ ବଡ ସଫଳତା ।

# ବିଜେଡ଼ିର ଭବିଷ୍ୟତ ଅନ୍ଧାର, ନେତୃତ୍ୱ ଅଭାବ: କୃଷ୍ଣ ପାତ୍ର

ଭୁବନେଶ୍ୱର, ୫/୪ (ନି.ପ୍ର): ବିଜେଡ଼ି କନ୍ଦଳକୁ ନେଇ ବଡ଼ ବୟାନ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ସେ କହିଛନ୍ତି ଯେ, ବିଜେଡ଼ିର ଭବିଷ୍ୟତ ଅନ୍ଧାର, ଦଳରେ ନେତୃତ୍ୱ ଅଭାବ । ଦଳକୁ ପଛରେ ରହି ଚଳାଉଥିବା ଡାଇରେକ୍ଟର ପାର୍ଟି ଛାଡ଼ି ପଳେଇବା ଯୋଜନାରେ ଅଛନ୍ତି । ଓଡ଼ିଶା ସହ ଭାରତ ଛାଡ଼ି ପଳାଇବେ ପାଣ୍ଡିଆନ । କାରଣ ପାଣ୍ଡିଆନ ଆକ୍ସନ ଭୟରେ ବିଦ ଅନୁଭବ କଲେଣି । ତେଣୁ ସେ ଭାରତ ଛାଡ଼ିବା ଉଦ୍ଦେଶ୍ୟରେ ଅଛନ୍ତି । ସେଥିପାଇଁ ବିଜେଡିରେ ଲିଡରସିପ କ୍ରାଇସିସ ଦେଖାଦେଲାଣି । ତାଙ୍କ ଦଳରେ ହେଉଥିବା ଖେଳ ବାବଦରେ ବଦ୍ରି ପାତ୍ର ଓ ପ୍ରଫୁଲ୍ଲ ସାମଲଙ୍କ ଭଳି ବରିଷ୍ଠ ନେତା ମାନେ କହି ସାରିଲେଣି । ତେଣୁ ଆଗାମୀ ଦିନରେ ଅନେକ କିଛି ହେବ, ଅପେକ୍ଷା କରନ୍ତୁ । ନବୀନଙ୍କ ନେତୃତ୍ୱ ଉପରେ ଆଉ କାହାର ଭରସା ନାହିଁ । ବୟସାଧିକ କାରଣରୁ ନବୀନ କୁଆଡେ ଯାଇ ପାରୁନାହାନ୍ତି । ନିର୍ବାଚନ ସମୟରେ ବି ନବୀନ କୁଆଡେ ଗଲେ ନାହିଁ । ସବୁ ଆଡ଼େ ପାଣ୍ଡିଆନକୁ ପଠାଉଥିଲେ । ପାଣ୍ଡିଆନ ହେଲିକପ୍ଟର ଧରି ସାରା ରାଜ୍ୟ ବୁଲୁଥିଲେ । ମନ୍ତ୍ରୀ, ବିଧାୟକ ମାନଙ୍କୁ ମଧ ମଂଚ ଉପରେ ବସିବାକୁ ଦେଉନଥିଲା । ଏକୁଟିଆ ମଂଚ ଉପର ରହି ତାମିଲନାଡୁ ଷ୍ଟାଇଲରେ ଭାଷଣ ଦେଉଥିଲେ । ବିଜେଡ଼ି ଜିତିଲା ପରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ପାଣ୍ଡିଆନ ଲକ୍ଷ୍ୟ ରଖିଥିଲେ । ନିଜେ ମୁଖ୍ୟମନ୍ତ୍ରୀ ହେବା ପାଇଁ ସ୍ୱପ୍ନ ଦେଖିଥିଲେ ପାଣ୍ଡିଆନ । କିନ୍ତୁ ଓଡ଼ିଶା ମାଟିକୁ ପାଣ୍ଡିଆନ ଜାଣିପାରିଲା ନାହିଁ । ଓଡ଼ିଶା ଲୋକ ବିଜ୍ଞତାର ପରିଚୟ ଦେଲେ । ଓଡ଼ିଶାକୁ ଲୁଟ କରି ପଳାଇବ, ଏହା କେବେ ଚଳିବ ନାହିଁ । ଆଜି ଆକ୍ସନ ନିଆଯାଇନାହିଁ, କାଲି ଆକ୍ସନ ନିଆଯିବ । କାହାକୁ ଛଡାଯିବ ନାହିଁ । ଓଡ଼ିଶାକୁ ଯିଏ ବି ଲୁଟିବାକୁ ଚେଷ୍ଟା କରିବ, ତାକୁ ଛଡାଯିବ ନାହିଁ । ପାଣ୍ଡିଆନଙ୍କ କଂଟ୍ରୋଲ ବାହାରକୁ ଦଳ ଚାଲି ଗଲାଣି । ଦଳ ଆଉ କାହା କଂଟ୍ରୋଲରେ ନାହିଁ, ଏବେର ଘଟଣାରୁ ଜଣା ପଡ଼ିଗଲା ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।



# ବିକଶିତ ଭାରତ ଦିଗରେ

## ବିଶ୍ୱସ୍ତରୀୟ ଭିତ୍ତିଭୂମି

ନୂତନ ପାମ୍ବନ ସେତୁ - ରାମେଶ୍ୱରମରେ ଭାରତର
ପ୍ରଥମ ଭର୍ଟିକାଲ ଲିଫ୍ଟ ସାମୁଦ୍ରିକ ସେତୁ



**ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ**

## ପମ୍ବନ ସେତୁ

- ୨.୦୮ କିଲୋମିଟର ଲମ୍ବ ସେତୁ, ଯାହା ବାର୍ଷିକ ରାମନାଥସ୍ୱାମୀ ମନ୍ଦିର ଦର୍ଶନ କରୁଥିବା ୨୫ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀଙ୍କୁ ଲାଭାନ୍ୱିତ କରିବ
- ଉନ୍ନତ ସାମଗ୍ରୀ ଏବଂ କ୍ଷୟ ପ୍ରତିରୋଧକ ପ୍ରଯୁକ୍ତି ବ୍ୟବହୃତ
- ୭୨.୫ ମିଟର ଲିଫ୍ଟ ସ୍ପାନ୍ ଯାହା ୧୭ ମିଟର ଅଧିକ ଉଚ୍ଚତା ପ୍ରଦାନ କରି ବଡ଼ ଜାହାଜଗୁଡ଼ିକୁ ଯିବାଆସିବା ପାଇଁ ସୁବିଧା କରିବା ସହ ସାମୁଦ୍ରିକ ସଂଯୋଗକୁ ଉନ୍ନତ
- ସ୍ଥାନୀୟ ପର୍ଯ୍ୟଟନ ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହନ

### NH-୩୩୨ର ଭିଲୁପୁରମ - ପୁଡୁଚେରୀ ଖଣ୍ଡର ୪-ଲେନୀକରଣ
### NH-୩୨ର ପୁଣ୍ଡିୟାନକୁପମ - ସଉନାଥପୁରମ ଖଣ୍ଡର ୪-ଲେନୀକରଣ
### NH-୩୬ର ଚୋଳପୁରମ - ତାଞ୍ଜାଭୁର ଖଣ୍ଡର ୪-ଲେନୀକରଣ

- ପ୍ରଶସ୍ତ ରାସ୍ତା ସୁଗମ ଯାତାୟାତ, କମ୍ ଯାତ୍ରା ସମୟ ଏବଂ ଇନ୍ଧନ ଖର୍ଚ୍ଚ ହ୍ରାସ ସୁନିଶ୍ଚିତ କରିଥାଏ
- ପ୍ରମୁଖ ବନ୍ଦରଗୁଡ଼ିକ ଏବଂ ମୁଖ୍ୟ ଉପକୂଳ ଜିଲ୍ଲାଗୁଡ଼ିକ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିଥାଏ

**ଶୁଭାରମ୍ଭ**

### ରାମେଶ୍ୱରମ ଏବଂ ତାମ୍ବରମ (ଚେନ୍ନାଇ) ମଧ୍ୟରେ ନୂତନ ରେଳଗାଡ଼ି

- ତାମିଲନାଡୁର ଡେଲ୍ଟା ଅଞ୍ଚଳରେ ଉନ୍ନତ ସଂଯୋଗୀକରଣ, ସ୍ଥାନୀୟ ଅର୍ଥନୀତିର ଉତ୍ଥାନ
- ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ପ୍ରବେଶାଧିକାର ବୃଦ୍ଧି କରିଥାଏ

**ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ**

### NH-୪୦ ର ୱାଲାଜାପେଟ/ରାଣୀପେଟ - ତାମିଲନାଡୁ/ଆନ୍ଧ୍ରପ୍ରଦେଶ ସୀମା ଖଣ୍ଡର ୪-ଲେନୀକରଣ

- ଆଧ୍ୟାତ୍ମିକ ଏବଂ ମହାନଗରୀ କେନ୍ଦ୍ରଗୁଡ଼ିକ ମଧ୍ୟରେ ଦ୍ରୁତ ସଡ଼କ ସଂଯୋଗ
- ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ଦୈନିକ ଯାତ୍ରୀମାନଙ୍କ ପାଇଁ ପ୍ରତ୍ୟକ୍ଷ ଯାତ୍ରା ବିକଳ୍ପ

୮୫୦୦ କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକର ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗୀକରଣ ଏବଂ ଶିଳାନ୍ୟାସ

# ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀ

ଙ୍କ ଦ୍ୱାରା

**ଏମାନଙ୍କ ଗରିମାମୟ ଉପସ୍ଥିତିରେ**

**ଆର.ଏନ୍.ରବି** — ରାଜ୍ୟପାଳ, ତାମିଲନାଡୁ

**ଏମ୍.କେ.ଷ୍ଟାଲିନ୍** — ମୁଖ୍ୟମନ୍ତ୍ରୀ, ତାମିଲନାଡୁ

**ନିତିନ ଜୟରାମ ଗଡକରୀ** — କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ

**ଅଶ୍ୱିନୀ ବୈଷ୍ଣବ** — କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା

**ଡ. ଏଲ୍. ମୁରୁଗାନ** — କେନ୍ଦ୍ର ସୂଚନା ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

**ଥାଙ୍ଗମ ଥେନାରାସୁ** — ତାମିଲନାଡୁ ସରକାରଙ୍କ ଅର୍ଥ ଏବଂ ପରିବେଶ ଜଳବାୟୁ ପରିବର୍ତ୍ତନ

**ଆର୍. ଏସ୍. ରାଜାକାନାପ୍ପାନ୍** — ତାମିଲନାଡୁ ସରକାରଙ୍କ ଦୁଗ୍ଧ ଏବଂ ଡେରୀ ବିକାଶ ମନ୍ତ୍ରୀ

ରବିବାର ୬ ଅପ୍ରେଲ, ୨୦୨୫ | ରାମେଶ୍ୱରମ, ତାମିଲନାଡୁ | ୧୨.୪୫ PM





❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida